## ସଂକ୍ଷେପରେ

### ମହିଳାଙ୍କ ଦ୍ୱାରା ସ୍ୱଚ୍ଛତା କାର୍ଯ୍ୟକ୍ରମ

**ତେନ୍ତୁଳିଖୁଣ୍ଟି, ୭।୬ (ଡି.ଏନ.ଏ ):** ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅଞ୍ଚଳଗୁମା ପଞ୍ଚାୟତ ଚିତ୍ରକୋଟ ଗ୍ରାମର ମହିଳା ସଂଗଠନ ବିଭିନ୍ନ ଉନ୍ନତିମୂଳକ ପଦକ୍ଷେପ ନେଉଛନ୍ତି। ଆଗକୁ ଗ୍ରାମର ମା' ଧାରଣୀ ଦେବୀଙ୍କ ବାର୍ଷିକ ବଜାର ଯାତ୍ରା ଥିବାରୁ ମହିଳା ସଂଗଠନ ପକ୍ଷରୁ ଗ୍ରାମର ମୁଖ୍ୟ ରାସ୍ତା ସହ ୨ ମନ୍ଦିରର ଚତୁଃପାର୍ଶ୍ୱରେ ଥିବା କଣ୍ଟା ବୁଦା ଓ ଆବର୍ଜନାକୁ ସଫା କରାଯାଇଥିଲା। ଗ୍ରାମର ଧରଣୀ ଦେବୀ ମନ୍ଦିର ଓ ପେଡ୍ରାଣୀ ମନ୍ଦିର ଚାରପଟ ସଫାସୁତୁରା କରାଯାଇଥିବାରୁ ଚିତ୍ରକୋଟ ଗ୍ରାମର ମହିଳା ସଂଗଠନକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି । ସେହିପରି ଗତ କିଛିଦିନ ତଳେ ମହିଳାମାନେ ଗ୍ରାମରେ ଦେଶୀ ମଦ ବେପାରକୁ ବନ୍ଦ କରିବା ମଦ ବିରୋଧୀ ଅଭିଯାନ ଆରମ୍ଭ କରିଥିଲେ। କିଛି ମଦ୍ୟପ ମଦ୍ୟପାନ କରି ଅଞ୍ଚଳରେ ଅଶାନ୍ତି ସୃଷ୍ଟି କରୁଥିବାରୁ ସେମାନଙ୍କ ହାତଗୋଡ଼ ବାନ୍ଧି ପୋଲିସକୁ ହସ୍ତାନ୍ତର କରିଥିଲେ। ଅଞ୍ଚଳରେ ବେଆଇନ ମଦ କାରବାର ବନ୍ଦ କରିବା ଦାବିରେ ଗ୍ରାମର ସମସ୍ତ ଲୋକେ ତେନ୍ତୁଳିଖୁଣ୍ଟି ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ଅଞ୍ଚଳର କିଛି ଲୋକ ଏହାକୁ ମାନି ନ ଥିବାରୁ ସେମାନେ ନବରଙ୍ଗପୁର ଜିଲ୍ଲାପାଳଙ୍କୁ ଭେଟି ନିଶାମୁକ୍ତ ଅଞ୍ଚଳ ଗଠନ କରିବାକୁ ଦାବି କରିଥିଲେ । ସ୍ୱଚ୍ଛତା କାର୍ଯ୍ୟକ୍ରମରେ ମହିଳା ସଂଗଠନର ରମ୍ଭା ନାୟକ ,କୁମାରୀ ନାୟକ, ଚମ୍ପା ବାଣୁଆ, ମହିଳା ସଂଗଠନର ସହଯୋଗୀ ସୁରେଶ ନାୟକ, ଠଣ ବାବୁଙ୍କ ସମେତ ଗ୍ରାମବାସୀମାନେ ସହଯୋଗ କରିଥିଲେ ।

### ଭାଜପାର ଜନସମ୍ପର୍କ ଅଭିଯାନ

**ଉମରକୋଟ,୭।୬(ସ୍ୱପ୍ର):** ମୋଦୀ ସରକାରଙ୍କ ୯ ବର୍ଷ ପୂର୍ତ୍ତି ଉପଲକ୍ଷେ ଉମରକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀର ବୁର୍ଜା ମଣ୍ଡଳ ପୂଜାରୀଗୁଡାଠାରେ ଭାଜପା ପକ୍ଷରୁ ଜନ ସମ୍ପର୍କ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟବକ୍ତା ଭାବେ ପୂର୍ବତନ ସାଂସଦ ବଳଭଦ୍ର ମାଝୀ, ସମ୍ମାନିତ ଅତିଥି ରମେଶ ସାହୁ, କାଜମ ମଦାନୀ, ସୁରେଶ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ୯ ବର୍ଷ ଶାସନ ବିଷୟରେ ବକ୍ତବ୍ୟ ରଖିଥିଲେ। ମଣ୍ଡଳ ସଭାପତି ଭୋଜନାଥ ଗଣ୍ଡ, ଶୋଭା ଗଣ୍ଡ, ଗୁରୁବାରୁ ଭତ୍ରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ୬୦ ରୁ ଉର୍ଦ୍ଧ୍ୱ ଅନ୍ୟ ଦଳର କାର୍ଯ୍ୟକର୍ତ୍ତା ଭାଜପାରେ ଯୋଗ ଦେଇଥିଲେ।

### ବ୍ଲକସ୍ତରୀୟ ପ୍ରାଣୀଧନ ମେଳା

**ଏମଭି -୭୯, ୭।୬(ଡି.ଏନ.ଏ):** ମାଲକାନଗିରି ଜିଲ୍ଲା ପଡିଆ ଗୋଷ୍ଠୀ ପ୍ରାଣୀଧନ କାର୍ଯ୍ୟାଳୟ ପକ୍ଷରୁ ଏମଭି-୭୯ ଗ୍ରାମରେ ବ୍ଲକ ସ୍ତରୀୟ ପ୍ରାଣୀଧନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କାଲିମେଳା ଓ ପଡିଆ ବ୍ଲକର ବିଭିନ୍ନ ସ୍ଥାନରୁ ଆସିଥିବା ପଶୁପାଳକମାନେ ଯୋଗଦେଇଥିଲେ। ଗ୍ରାମାଞ୍ଚଳରେ ଗୋପାଳନ, ପଶୁ ସମ୍ପଦ ସୁରକ୍ଷା ଓ ସରକାରୀ ବ୍ୟବସ୍ଥା ସମ୍ପର୍କରେ ପଶୁପାଳକଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କାଲିମେଳା ବ୍ଲକ ଅଧକ୍ଷା ସୁବାଷିନୀ ସୋଡ଼ୀ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥି ଭାବେ ପୂର୍ବତନ ବିଧାୟକ ମୁକୁନ୍ଦ ସୋଡ଼ୀ, ତାଣ୍ଡବାଇ ସରପଞ୍ଚ ସତ୍ୟ ମାଡକାମି, ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ ଡା ଅଶୋକ କୁମାର ତ୍ରିପାଠୀ, ଏସଡିଭିଓ ଲକ୍ଷ୍ମୀଧର ବେହେରା, ପଡିଆ ବ୍ଲକ ପ୍ରାଣୀଧନ ଅଧିକାରୀ ଡା ଚିନ୍ମୟ ଦାସ, ଏମଭି- ୭୯ର ଡା ବନାନୀ ହାଁସଦା ସମେତ ଖଇରପୁଟ ଓ ମାଲକାନଗିରି ବ୍ଲକ ପ୍ରାଣୀଧନ ଅଧିକାରୀମାନେ ଯୋଗ ଦେଇଥିଲେ। ମାଟେରୁ ଏଲଆଇ ସୁରେନ୍ଦ୍ରନାଥ ମୁଦୁଲି, ନିଳିଗୁଡା ଏଲଆଇ ମାନସ ମାଡକାମି ଓ ତାଣ୍ଡବାଇ ଏଲଆଇ ସୁଖରଞ୍ଜନ ବୈଦ୍ୟ ଆୟୋଜନ କରିଥିଲେ।

# ନିର୍ମାଣାଧୀନ ଗୋଷ୍ଠୀ ଶୌଚାଳୟରେ ଝୁଲୁଛି ତାଲା

**ନବରଙ୍ଗପୁର ,୭।୬(ବି.ପ୍ର.)**





ଅଚଳାବସ୍ଥାରେ ପଡ଼ିଥିବା ଗୋଷ୍ଠୀ ଶୌଚାଳୟ ।

- ସରକାରୀ ଯୋଜନା ବାଟବଣା
- ନିର୍ମାଣ ହେବାର ୪ ବର୍ଷ ପରେ ବି ଲୋକଙ୍କ କାମରେ ଲାଗୁନି
- ବସ୍ତିବାସିନ୍ଦାଙ୍କ ପାଇଁ ଖୋଲା ପଡ଼ିଆ ଭରସା

ପ୍ରତି ଗାଁ ଓ ସହରକୁ ବାହ୍ୟ ମଳମୁକ୍ତ କରାଯିବାକୁ ସୂଚନା ଫଳକ ଟଙ୍ଗା ଯାଉଛି । ସହରରେ ବସ୍ତି ବାସିନ୍ଦା ଯେପରି ଶୌଚ ପାଇଁ ଖୋଲାପଡିଆକୁ ନଯାଆନ୍ତି ସେଥିପାଇଁ ଜନଗହଳି ପୂର୍ଣ୍ଣ ସ୍ଥାନ, ବିଭିନ୍ନ କାର୍ଯ୍ୟାଳୟରେ ଶୌଚାଳୟ ନିର୍ମାଣ କରାଯାଉଛି। କିନ୍ତୁ ନବରଙ୍ଗପୁର ସହରର ବାସ୍ତବ ଚିତ୍ର କିଛି ଅଲଗା ରହିଛି। ସହରକୁ ସ୍ୱଚ୍ଛ ରଖିବା ସହ ବସ୍ତିବାସିନ୍ଦାଙ୍କୁ ଉନ୍ନତମାନର ଶୌଚାଳୟ ଯୋଗାଇଦେବା ନିମନ୍ତେ ସରକାରଙ୍କ ପକ୍ଷରୁ ସ୍ୱଚ୍ଛ ଭାରତ ମିଶନ ଓ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଯୋଜନାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ୭ଟି ଗୋଷ୍ଠୀ ଶୌଚାଳୟ ଓ ୧୨ଟି ଲୁ (ପରିଶ୍ରାଗାର) ନିର୍ମାଣ କରାଯାଇଛି। ତେବେ ଏହି ସବୁ ଶୌଚାଳୟ ନିର୍ମାଣ ହେବାର ୪ ବର୍ଷ ବିତିଯାଇଥିଲେ ମଧ୍ୟ ଏବେ ସୁଦ୍ଧା ୫ଟି ଶୌଚାଳୟ ଓ ୧୨ଟି ଲୁ ଲୋକଙ୍କ ସେବାରେ ଲଗାଯିବା ପରିବର୍ତ୍ତେ ପୌରପାଳିକା ପକ୍ଷରୁ ସେଗୁଡ଼ିକରେ ତାଲା ଝୁଲାଇ ଦିଆଯାଇଛି। ତେବେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି ଶୌଚାଳୟ ଗୁଡିକରେ ତାଲା ଝୁଲି ରହିଥିବାରୁ ସେଗୁଡ଼ିକ ଏବେ ନଷ୍ଟ ହେବାକୁ ବସିଲାଣି। ଅନ୍ୟପକ୍ଷରେ ଏହି ଶୌଚାଳୟ ବ୍ୟବହାରରେ ଆସୁ ନ ଥିବାରୁ ବସ୍ତି ବାସିନ୍ଦା ରାତି ପାହିଲେ ପାଣି ଧରି ଶୌଚ ପାଇଁ ଖୋଲା ପଡିଆକୁ ଯାଉଥିବା ଦେଖାଯାଉଛି । ସେହିଭଳି ଛକ ବଜାର, ଜନଗହଳି ପୂର୍ଣ୍ଣ ସ୍ଥାନ, ସରକାରୀ କାର୍ଯ୍ୟାଳୟ ପରିସରରେ ନିର୍ମିତ ଲୁ-ଗୁଡିକ ବନ୍ଦ ଥିବାରୁ ପରିଶ୍ରା ଲାଗିଲେ ଖାଲି ସ୍ଥାନ, କାହା ଦୋକାନ ପଛ ଓ ଅନ୍ଧାର ଜାଗା ଖୋଜିବାକୁ ପଡୁଛି । ପ୍ରାୟ ୩୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି ଶୌଚାଳୟଗୁଡିକ ମଧ୍ୟରୁ କେବଳ ଦଶରାପଦା ସାହିରେ ନିର୍ମାଣ କରାଯାଇଥିବା ୨ଟି ଶୌଚାଳୟ କାର୍ଯ୍ୟକ୍ଷମ ରହିଛି। ସୁଇପର କଲୋନି, କୃଷକ ବଜାର, ଭାଟସାଲଗୁଡା, ମହିଳା ମହାବିଦ୍ୟାଳୟ ଛକ ଓ ତହସିଲ କାର୍ଯ୍ୟାଳୟରେ ନିର୍ମିତ ୫ଟି ଗୋଷ୍ଠୀ ଶୌଚାଳୟ ତାଲା ବନ୍ଦ ଅବସ୍ଥାରେ ପଡ଼ି ରହିଛି। ସମ୍ପୂର୍ଣ୍ଣ ହୋଇଥିବା ୧୨ ଟି ଲୁରେ ଏବେ ତାଲା ଝୁଲଥିବାବେଳେ ଏବେ ପୁଣି ୩ ଲକ୍ଷ ଟଙ୍କା ବ୍ୟୟରେ ଆଉ ୧୨ଟି ପରିଶ୍ରାଗାର ବା 'ଲୁ' ନିର୍ମାଣ କାର୍ଯ୍ୟ ଚାଲିଛି। ତେବେ ଏହି ସବୁ ଶୌଚାଳୟ କାମ ଅତି ନିମ୍ନମାନର ହୋଇଥିବା ନେଇ ଅଭିଯୋଗ ହେଉଛି । ପୌରପରିଷଦର ସ୍ୱଚ୍ଛ ଭାରତ ମିଶନ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ନିର୍ମାଣ ହୋଇଥିବା ଗୋଷ୍ଠୀ ଶୌଚାଳୟଗୁଡିକ କାର୍ଯ୍ୟକ୍ଷମ ହୋଇପାରୁନି ବୋଲି ବିଭିନ୍ନ ମହଲରେ ଦାବି ହେଉଛି। କାଉନସିଲର ଏ.ସତିଶ କହିଛନ୍ତି ଯେ, ନିର୍ମାଣ ହୋଇ କାର୍ଯ୍ୟକ୍ଷମ ନ ହେବାରୁ ଶୌଚାଳୟର କବାଟରେ କଳଙ୍କି ଲାଗିଲାଣି। ଏ ନେଇ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ ଯେ, ୨ଟି ଗୋଷ୍ଠୀ ଶୌଚାଳୟ ନିର୍ମାଣ କାମ ସରିଛି। ଏହି ୨ଟି ସପ୍ତାହ ମଧ୍ୟରେ ମହିଳା ସ୍ୱୟଂ ସହାୟକ ଦଳକୁ ହସ୍ତାନ୍ତର କରାଯିବ। ଅନ୍ୟ ୩ଟି ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇନି। ସେଗୁଡ଼ିକୁ ଅତିଶୀଘ୍ର ନିର୍ମାଣ କାମ ସାରି କାର୍ଯ୍ୟକ୍ଷମ କରାଯିବ ବୋଲି ସେ କହିଛନ୍ତି।

# ରକ୍ତାକ୍ତ ଅବସ୍ଥାରେ ବୃଦ୍ଧା ଉଦ୍ଧାର

**ପାପଡାହାଣ୍ଡି, ୭।୬ (ଡି.ଏନ.ଏ)**

## ହତ୍ୟା ଅଭିଯୋଗ

ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଗାଦବା କତରା ଗ୍ରାମରେ ମଙ୍ଗଳବାର ରାତିରେ ଗ୍ରାମବାସୀ ଓ ପୋଲିସ ସହାୟତାରେ ରକ୍ତାକ୍ତ ଅବସ୍ଥାରେ ଜଣେ ବୃଦ୍ଧାଙ୍କୁ ଉଦ୍ଧାର କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ପାପଡାହାଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ୧୦୮ ଆମ୍ବୁଲାନ୍ସ ଯୋଗେ ନେବା ସମୟରେ ତାଙ୍କର ବୁଧବାର ମୃତ୍ୟୁ ଘଟିଛି। ମୃତ ବୃଦ୍ଧା ଜଣକ ହେଲେ ସ୍ୱାତିପଦର ଗ୍ରାମର ରୂପା ଦେଈ ଯାନୀ । ତେବେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ଗାଦବା କତରା ଗ୍ରାମର ଉଗ୍ରସେନ ହରିଜନ ମଇଦଲପୁର ଥାନାରେ ଅଭିଯୋଗ କରିଛନ୍ତି । ସୂଚନାରୁ ପ୍ରକାଶ ଯେ, ମଙ୍ଗଳବାର ରାତି ୮ଟା ସମୟରେ ଗାଦବା କତରା ଗ୍ରାମର ଏକ ବର ଗଛ ମୂଳେ ସ୍ୱାତିପଦର ଗ୍ରାମର ରୂପା ଦେଈ ଯାନୀ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିଲେ। ସେହି ବାଟ ଦେଇ ଗ୍ରାମର ଉଗ୍ରସେନ ଯାଉଥିବା ସମୟରେ ତାଙ୍କୁ ମୁମୂର୍ଷ ଅବସ୍ଥାରେ ଦେଖି ପୋଲିସକୁ ଖବର ଦେଇଥିଲେ । ଉଭୟ ପୋଲିସ ଓ ଗ୍ରାମର କିଛି ଲୋକଙ୍କ ସହାୟତାରେ ବୃଦ୍ଧାଙ୍କୁ ଉଦ୍ଧାର କରାଯାଇ ପୋଲିସ ଗାଡ଼ିରେ ମଇଦଲପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ପରେ ଅଧିକ ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଯୋଗେ ପାପଡାହାଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ସମୟରେ ବୃଦ୍ଧା ଜଣକ ତାଙ୍କୁ ଗ୍ରାମର ଶିବ ଯାନୀ ମରଣାନ୍ତକ ଆକ୍ରମଣ କରିଥିବା ଉଗ୍ରସେନଙ୍କୁ କହିଥିଲେ । ତେବେ ଏହାର କିଛି ସମୟ ପରେ ରୂପା ଦେଈଙ୍କ ମୃତ୍ୟୁ ହୋଇଥିଲା । ଖବରପାଇ ପୋଲିସ ପକ୍ଷରୁ ମୃତଦେହ ଜବତ କରାଯାଇ ପାପଡାହାଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ୟବଚ୍ଛେଦ ପରେ ରଖାଯାଇଛି। ଏନେଇ ମଇଦଲପୁର ଥାନା ଅଧିକାରୀ ୮୪/୨୩ରେ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛନ୍ତି ।

# ୨ ବନ ସଂରକ୍ଷଣ ସମିତିକୁ ପ୍ରକୃତିମିତ୍ର ପୁରସ୍କାର



ମନ୍ତ୍ରୀ ପ୍ରଦୀପ ଅମାତ ଦୁଇ ବନ ଅଧିକାରୀଙ୍କୁ ପୁରସ୍କୃତ କରୁଛନ୍ତି।

**ଡାବୁଗାଁ, ୭।୬ (ଡି.ଏନ.ଏ.)**

ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବନାଞ୍ଚଳ ଅଧୀନରେ କାର୍ଯ୍ୟରତ ୨ ବନ ସଂରକ୍ଷଣ ସମିତିକୁ ବିଶ୍ୱ ପରିବେଶ ଦିବସରେ ପ୍ରକୃତିମିତ୍ର ସମ୍ମାନରେ ସମ୍ମାନୀତ କରାଯାଇଛି। ଓଡିଶା ସରକାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ଭୁବନେଶ୍ୱର ଜୟଦେବ ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଡାବୁଗାଁ ବନାଞ୍ଚଳ ଅଧୀନ ଚିକିଲି ବନ ସଂରକ୍ଷଣ ସମିତି ଓ ଧାରଣାବେଢ଼ା ବନ ସଂରକ୍ଷଣ ସମିତିକୁ ପ୍ରକୃତିମିତ୍ର ସମ୍ମାନରେ ସମ୍ମାନୀତ କରାଯାଇଥିଲା । ଏଥିରେ ବିଭାଗୀୟ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ୨ଟି ବନ ସଂରକ୍ଷଣ ସମିତିର ସଭାପତି ବଳରାମ ପୂଜାରୀ ଓ ନିରଞ୍ଜନ ଗୌଡଙ୍କୁ ମାନପତ୍ର ସହ ୨୦ ହଜାର ଟଙ୍କାର ଚେକ ପ୍ରଦାନ କରି ପୁରସ୍କୃତ କରିଥିଲେ । ଏନେଇ ଡାବୁଗାଁ ବନାଞ୍ଚଳ ଅଧିକାରୀ ସେତୁରଞ୍ଜନୀ ଗମାଙ୍ଗ, ବନପାଳ ମଧୁସୂଦନ ପାତ୍ର, ବନରକ୍ଷୀ ଉମାଶଙ୍କର ମିଶ୍ର ଓ ସରସ୍ୱତୀ ମେହେର ପ୍ରମୁଖ ଉଭୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଶିଶୁ ଶ୍ରମିକ ନିରାକରଣ ନିମନ୍ତେ ଗଡ଼ିଲା ସଚେତନତା ରଥ



ନବରଙ୍ଗପୁର ଜିଲାପାଳ ସବୁଜ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

**ନବରଙ୍ଗପୁର, ୭।୬(ବି.ପ୍ର.)**

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ୨୦୨୫ ସୁଦ୍ଧା ଶିଶୁ ଶ୍ରମ ମୁକ୍ତ ଓଡିଶା ଗଠନର ସଂକଳ୍ପ ନେଇ ରାଜ୍ୟରେ ଶିଶୁ ଶ୍ରମିକ ନିରାକରଣ ନିମନ୍ତେ ଜିଲାସ୍ତରୀୟ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏହି ଅବସରରେ ନବରଙ୍ଗପୁର ଜିଲା ପ୍ରଶାସନ ଓ ଶ୍ରମ କାର୍ଯ୍ୟାଳୟ ତରଫରୁ ଶିଶୁ ଶ୍ରମିକ ନିରାକରଣ ନିମନ୍ତେ ବହୁଳ ପ୍ରସାର ପ୍ରଚାର ପାଇଁ ଏକ ସଚେତନତା ରଥ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଉଦଘାଟନ କରାଯାଇଛି। ଜିଲାପାଳ ଡ. କମଳ ଲୋଚନ ମିଶ୍ର ସବୁଜ ପତାକା ଦେଖାଇ ଏହି ସଚେତନତା ରଥର ଶୁଭାରମ୍ଭ କରିଥିଲେ।

ଏହି ସଚେତନତା ରଥ ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ୪ଟି ବ୍ଲକ ନବରଙ୍ଗପୁର, ଡାବୁଗାଁ,ତେନ୍ତୁଳିଖୁଣ୍ଟି ଓ ଉମରକୋଟ ବ୍ଲକ ଅଞ୍ଚଳରେ ଏକ ମାସ ପର୍ଯ୍ୟନ୍ତ ଶିଶୁ ଶ୍ରମିକ ନିରାକରଣ ନିମନ୍ତେ ଶିଶୁଙ୍କୁ ଶ୍ରମିକ ଭାବେ କାମରେ ନିୟୋଜିତ କରାଉଥିବା ବ୍ୟକ୍ତି ସାବଧାନ ରହିବା ସହିତ ଖିଲାପକାରୀଙ୍କ ବିରୋଧରେ ସରକାରଙ୍କର ରହିଥିବା ଦଣ୍ଡ ବିଧାନ ସମ୍ପର୍କରେ ପ୍ରଚାର କରିବ । ଏହିଅବସରରେ ସ୍ଥାନୀୟ ଡିପିଆର୍‌ସି ସମ୍ମିଳନୀ ଗୃହରେ ଜିଲାପାଳ ଡ. ମିଶ୍ର ଙ୍କ ଅଧକ୍ଷତାରେ ଏକ ଜିଲାସ୍ତରୀୟ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ଶିଶୁ ଶ୍ରମିକ ଏକ ପୁରାତନ ସମସ୍ୟା ଏହି ସମସ୍ୟାର ସମାଧାନ କିପରି କରାଯାଇପାରିବ ଏବଂ ଜିଲାକୁ ଶିଶୁ ଶ୍ରମ ମୁକ୍ତ ଜିଲା କରିବାରେ ସମସ୍ତଙ୍କର ସହଯୋଗର ଆବଶ୍ରକତା ରହିଥିବା ଜିଲାପାଳ ଡ. ମିଶ୍ର କହିଥିଲେ। ଏହି କାଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲା ଶ୍ରମ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ଆର.କେ ବେହେରା ଜିଲାରେ ଶିଶୁ ଶ୍ରମିକ ନିରାକରଣ ଦିଗରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରମ ମଣ୍ଡଳ ଆୟୁକ୍ତ କୁବେର ବେହେରା, ଡିଏସପି ବବିତା ତ୍ରିପାଠୀ, ଅଧକ୍ଷ ସିଡବ୍ଲ୍ୟୁ ସି ଅଜନ୍ତା ଶୁଭ ଦର୍ଶିନୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକ, ଜିଲା ସଂସ୍କୃତି ଅଧିକାରୀ ଘାସିରାମ ହରିଜନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ବାଣିଜ୍ୟ ପ୍ରତିଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ।

# ଯୁବକଙ୍କୁ ମାରଣାନ୍ତକ ଆକ୍ରମଣ, ଜଣେ ଗିରଫ

**ଜୟପୁର, ୭।୬ (ନି.ପ୍ର.)**

ଜଣେ ଯୁବକଙ୍କୁ ମାରଣାନ୍ତକ ଆକ୍ରମଣ କରିବାନେଇ ରୁଜୁ ମାମଲାରେ ଜଣଙ୍କୁ ଟାଉନଥାନା ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ ଜୟପୁର ଦାଶରିସାହିର ଜେ. ଆକାଶ । ଖବରରୁ ଜଣାପଡିଛି, ଅଶୋକ ଗତ ୨୩ ତାରିଖରେ ଗାନ୍ଧୀ ଛକ ନିକଟରେ ଥିବା ଏକ ଗ୍ୟାରେଜରେ ଗାଡି ମରାମତି କରୁଥିବା ସମୟରେ କେତେ ଜଣ ଦୁର୍ବୃତ୍ତ ଆସି ତାଙ୍କୁ ଲୁହା ରଡରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଅକାଶ ଗୁରୁତର ହୋଇ ପଡିଥିଲେ। ତାଙ୍କ ପାଟିଶୁଣି ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ଜମା ହୋଇଯିବାରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଏନେଇ ଟାଉନଥାନା ପୋଲିସ ସୂଚନା ପାଇ ଘଟଣାର ତଦନ୍ତ ଆରମ୍ଭ କରିଛି। ଆକାଶଙ୍କୁ ଚିକିତ୍ସା ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବର୍ଷକ ତଳେ ହୋଇଥିବା ପଞ୍ଚାୟତ ନିର୍ବାଚନରେ ବୈପାରିଗୁଡା ବ୍ଲକ ଦଶମନ୍ତପୁର ପଞ୍ଚାୟତ ସରପଞ୍ଚ ଜାଲ ଜାତିଗତ ପ୍ରମାଣପତ୍ର ଦେଇ ସରପଞ୍ଚ ହୋଇଥିବା ନେଇ ଜିଲା ପ୍ରଶାସନ ନିକଟରେ ଆକାଶ ଅଭିଯୋଗ କରିଥିଲେ। ଏହାକୁ ନେଇ ଏପରି ଘଟଣା ଘଟଥିବା ପୋଲିସ ସନ୍ଦେହ କରୁଛି।

# ସାପ କାମୁଡାରେ ଶିଶୁପୁତ୍ର ମୃତ

**ଜୟପୁର,୭।୬(ନି.ପ୍ର.)**

ଜୟପୁର ସଦରଥାନା ଅନ୍ତର୍ଗତ କଳାଗୁଡା ଗ୍ରାମର ଦାସ ପୂଜାରୀଙ୍କ ପୁଅ ଆକାଶଙ୍କ ସାପ କାମୁଡାରେ ମୃତ୍ୟୁ ହୋଇଛି। ମଙ୍ଗଳବାର ଆକାଶ ଅନ୍ୟ ପିଲାଙ୍କ ସହ ଖେଳୁଥିବା ବେଳେ ତାଙ୍କୁ ଏକ ସାପ କାମୁଡି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥାରେ ସୁଧାର ନ ଆସିବାରୁ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଉଥିବା ବେଳେ ଆକାଶଙ୍କ ମୃତ୍ୟୁ ହୋଇଯାଇଥିଲା।

# ବସୁଧା ଯୋଜନା ବାଟବଣା
# ଟାଙ୍କି ଅଛି, ପାଣି ନାହିଁ

**ପୋଟେରୁ, ୭।୬ (ଡି.ଏନ୍.ଏ)**



ଅଚଳ ପାଣି ଟାଙ୍କି।

ଗ୍ରାମାଞ୍ଚଳରେ ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି । ବସୁଧା ଯୋଜନା ଅଧୀନରେ ପ୍ରତ୍ୟେକ ଗ୍ରାମକୁ ପାନୀୟ ଜଳ ଯୋଗାଣ ନିମନ୍ତେ ପ୍ରକଳ୍ପ ନିର୍ମାଣ କରାଯାଇ ପ୍ରତି ଘରକୁ ପାଣି ଯୋଗାଇ ଦେବାର ଯୋଜନା ରହିଛି । ହେଲେ ମାଲକାନଗିରି ଜିଲା କାଲିମେଳା ବ୍ଲକ ପୋଟେରୁ ଅଞ୍ଚଳରେ ଏହି ଯୋଜନା ବାଟବଣା ହୋଇଥିବା ଅଭିଯୋଗ ଆସିଛି। ପୋଟେରୁ ଅଞ୍ଚଳର ଗୁମୁକା, ବଦିଲି, ଚିତ୍ରାଙ୍ଗପଲ୍ଲି ଭଳି ବିଭିନ୍ନ ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ନିମନ୍ତେ ପାଣି ଟାଙ୍କି ନିର୍ମାଣ ହୋଇଛି ସତ, ହେଲେ ଏହା ଲୋକଙ୍କ କୌଣସି କାର୍ଯ୍ୟରେ ଲାଗିପାରୁନି। ଦୀର୍ଘ ୮ ରୁ ୧୦ ବର୍ଷ ହେଲା ଏହା ଅଚଳ ଅବସ୍ଥାରେ ପଡ଼ିରହିଛି। ତେବେ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏହି ଦୁର୍ନୀତିରେ କେଉଁମାନେ ସଂପୃକ୍ତ ଅଛନ୍ତି, ତାର ଖୋଳତାଡ କରି ତଦନ୍ତ କରାଯିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି । ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ପିଥା ସରେନଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଯାଇଛି। କିନ୍ତୁ ବିଦ୍ୟୁତ୍ ସଂଯୋଗ ଦିଆଯାଉ ନ ଥିବାର ଆମେ ପାଣି ଯୋଗାଇ ପାରୁନାହୁଁ । ଏ ସମ୍ପର୍କରେ ଆମେ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ସେମାନେ କୌଣସି ପଦକ୍ଷେପ ନେଉ ନ ଥିବା ସେ କହିଛନ୍ତି।

# ମା' ବୁଢ଼ୀ ଠାକୁରାଣୀଙ୍କୁ ସୁନା କାନଫୁଲ ଦାନ

**ପାପଡାହାଣ୍ଡି,୭।୬(ଡି.ଏନ.ଏ)**

ନବରଙ୍ଗପୁର ଜିଲା ପାପଡାହାଣ୍ଡିର ବୁଢ଼ୀ ଠାକୁରାଣୀଙ୍କୁ ମନ୍ଦିର କମିଟି ସଦସ୍ୟଙ୍କ ପକ୍ଷରୁ ମା'ଙ୍କୁ ସୁନା କାନଫୁଲ ଦାନ କରାଯାଇଛି । ଗତ ମଙ୍ଗଳବାର ବୁଢ଼ୀ ଠାକୁରଣୀଙ୍କ ପ୍ରସିଦ୍ଧ ଘଟଯାତ୍ରା ହୋଇଥିବାବେଳେ ଭକ୍ତଙ୍କ ପକ୍ଷରୁ ମନ୍ଦରକୁ ଆର୍ଥିକ ସହାୟତା ମିଳିଥିଲା। ଯାତ୍ରା ଶେଷ ହେବା ପରେ ୩୦ ହଜାର ଟଙ୍କା ବଳକା ହୋଇଥିବା ଯୋଗୁଁ, ବୁଢ଼ୀ ଠାକୁରାଣୀଙ୍କ ପାଇଁ ସୁନା କାନଫୁଲ କିଣାଯାଇ ଅର୍ପଣ କରାଯିବାକୁ କମିଟି ସଦସ୍ୟମାନେ ନିଷ୍ପତ୍ତି ନେଇଥିଲେ। ବୁଧବାର କମିଟି ସଦସ୍ୟଙ୍କ ଉପସ୍ଥିତରେ ବୁଢ଼ୀ ଠାକୁରଣୀଙ୍କୁ ସୁନା କାନଫୁଲ ଅର୍ପଣ କରାଯାଇଛି । ଏହି ସମୟରେ କମିଟି ସଦସ୍ୟ ଗୁପ୍ତେଶର ପଟ୍ଟନାୟକ, ମନୋଜ ମୁଦୁଲି ,ଅଲେଖ ବେହେରା , ଯତୀନ ନାୟକ, ଆଦିତ୍ୟ ପ୍ରଧାନ, ବାସୁ ପାଇକ, ତ୍ରିନାଥ ମାଝୀ, ମହେନ୍ଦ୍ର ବିଶ୍ୱାଳ, ଝା ବିଷୋୟୀ, ସନ୍ତୋଷ ରାଓ, ଟୁଟୁ ବିଷୋୟୀ, ପ୍ରସାଦ ନାୟକ, ପିଣ୍ଟୁ ବିଷୋୟୀ, ମନ ନାୟକ, କିଷାନ ସିଂଘ, ଉମା ପ୍ରମୁଖ ଉପସ୍ଥିତ ଥିଲେ ।

# ବଣ୍ଡା ଯୁବତୀଯୁବକଙ୍କୁ ସ୍ୱାବଲମ୍ବୀ କରିବା ନେଇ କର୍ମଶାଳା

**ଖଇରପୁଟ ,୭।୬,(ଡି.ଏନ୍.ଏ)**



କର୍ମଶାଳାରେ ଉପସ୍ଥିତ ଅତିଥି ଓ ଅଂଶ ଗ୍ରହଣ କରିଥିବା ବଣ୍ଡା ଯୁବକ ଯୁବତୀ ।

ମାଲକାନଗିରିଜିଲା ଖଇରପୁଟ ବ୍ଲକଅନ୍ତର୍ଗତ ବଣ୍ଡା ଅଞ୍ଚଳର ବେରୋଜଗାର ଯୁବକ ଯୁବତୀଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ମାଥିଲି ଆଇଟିଆଇ ତରଫରୁ ଏକ ସ୍ୱତନ୍ତ୍ର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାଥିଲି ଆଇଟିଆଇର ଅଧକ୍ଷ ପ୍ରସନ୍ନ କୁମାର ବେହେରା ଯୋଗ ଦେଇଥିଲା ବେଳେ ଅନ୍ୟମାନଙ୍କ ମଧ୍ୟରେ ବଣ୍ଡା ଉନ୍ନୟନ ସଂସ୍ଥାର ପ୍ରକଳ୍ପ ଅଧିକାରୀ ସଲମନ ରାଇକିଆ, ପ୍ରକଳ୍ପ ପରିଚାଳକ ଅଜିତ ସାହୁ, ସହକାରୀ ତାଲିମ ଅଧିକାରୀ ବାବୁ ଦଳେଇ ପ୍ରମୁଖ ଉପସ୍ଥିତ ରହି ଶିକ୍ଷିତ ବଣ୍ଡା ସମ୍ପ୍ରଦାୟର ଯୁବକ ଯୁବତୀମାନେ ମାଥିଲିସ୍ଥିତ ଆଇଟିଆଇରେ ନାମ ଲେଖାଇବା ପାଇଁ ଆହ୍ୱାନ କରିଥିଲେ। ଏଥିସହ ସେମାନେ କିପରି ନିଜକୁ ନିଜେ ସ୍ୱାବଲମ୍ବୀ ହୋଇପାରିବେ ସେ ଉଦ୍ଦେଶ୍ୟରେ ବିଭିନ୍ନ ପ୍ରକାରର ତାଲିମ ଦେଇଥିଲେ । ଏହି ଅବସରରେ ଅଧକ୍ଷ ଶ୍ରୀ ବେହେରା କହିଥିଲେ ଯେ, ଏଭଳି ତାଲିମ ଫଳରେ ବଣ୍ଡା ଯୁବକ ଯୁବତୀମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ନ ଯାଇ ବୈଷୟିକ ଜ୍ଞାନ କୌଶଳର ଉପଯୋଗ କରି ଗାଁରେ ରହି ନିଜ ଉଦ୍ୟମରେ କିଛି ରୋଜଗାରମୂଳକ ପଦକ୍ଷେପ ନେଇପାରିବେ । ବିଶେଷକରି ଆଦିମ ଜନଜାତିର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ସରକାର ଶିକ୍ଷା ଯୋଜନା ମାଧ୍ୟମରେ ଆଡ଼ମିଶନ ଫିସ ଛାଡ଼,ଷ୍ଟାଇପେଣ୍ଡ ପ୍ରଦାନ କରିବା ସହ ବିଭିନ୍ନ ପ୍ରକାରର ସହଯୋଗ ଜାରି ରଖିଛନ୍ତି ବୋଲି ସେ କହିଥିଲେ। ଆଜିର ଏହି କର୍ମଶାଳାରେ ପାଖାପାଖି ୪୦ ରୁ ଉର୍ଦ୍ଧ୍ୱ ବଣ୍ଡା ଯୁବକ ଯୁବତୀ ଭାଗ ନେଇଥିବା ଜଣାପଡିଛି। ଏହି କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ପଦ୍ମନ ପ୍ରସାଦ ନାୟକ, ବିଶ୍ୱନାଥ ବେହେରା ଓ ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତା କଡ଼ ଧାନ ମିଲ୍ ଯୋଗୁ ବଢ଼ୁଛି ପ୍ରଦୂଷଣ

**ତେନ୍ତୁଳିଖୁଣ୍ଟି,୭।୬( ଡି.ଏନ୍.ଏ)**

- ଧାନ ଗୁଣ୍ଡ ଉଡ଼ି ଲୋକେ ବିଭିନ୍ନ ରୋଗର ଶିକାର ହେଉଥିବା ଅଭିଯୋଗ
- ପଲିଥିନ୍ ବ୍ୟବହାର ଉପରେ ନିୟନ୍ତ୍ରଣ ନାହିଁ

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଅଞ୍ଚଳର ରାସ୍ତା କଡରେ ବଡ଼ ବଡ଼ ଧାନ ମିଲ ଓ ବ୍ଲକ ମାର୍କେଟ ସ୍ଥାନରେ ପଲିଥିନର ବହୁଳ ବ୍ୟବହାର ଯୋଗୁ ଦିନକୁ ଦିନ ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ନିୟନ୍ତ୍ରଣ ପାଇଁ ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ସରକାରୀ ନିୟମକୁ ଅବମାନନା କରି ରାସ୍ତା କଡରେ ଗଢ଼ି ଉଠିଛି ଅନେକ ଧାନ ମିଲ । ରାତି ଦିନ ମିଲ ଚାଲୁ ଥିବାରୁ ଧାନଗୁଣ୍ଡ ଉଡୁଥିବାରୁ ରାସ୍ତାରେ ଯାତାୟାତ କରୁଥିବା ଶତାଧିକ ଯାତ୍ରୀ ଓ ନିକଟରେ ଥିବା ଶିକ୍ଷା ଅନୁଷ୍ଠାନ, ସରକାରୀ କାର୍ଯ୍ୟାଳୟକୁ ଆସୁଥିବା ଲୋକେ ନାକେଦମ ହୋଇପଡୁଥିବା ଦେଖିବାକୁ ମିଳୁଛି। ଧାନ ଗୁଣ୍ଡ ଆଖି ଓ ନାକରେ ପଶିଯାଉଥିବାରୁ ଲୋକେ ଆଖି ରୋଗଠାରୁ ଆରମ୍ଭ କରି ଯକ୍ଷ୍ମା, କାଶ ଭଳି ଅନେକ ମାରାତ୍ମକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଧାନ ମିଲ୍‌ଗୁଡ଼ିକ ରାସ୍ତା କଡ଼ରୁ ଉଠାଇ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ସ୍ଥାନୀୟ ଲୋକେ ବାରମ୍ବାର ଦାବି କରୁଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ଓ ପ୍ରଦୂଷଣ ବୋର୍ଡ଼ ସବୁ ଜାଣି ନୀରବ ରହୁଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ରାଜ୍ୟ ପ୍ରଦୂଷଣ ବୋର୍ଡ଼ ପଲିଥିନ ବ୍ୟବହାର ଉପରେ କଟକଣା ଲଗାଇଥିବାବେଳେ ତେନ୍ତୁଳିଖୁଣ୍ଟି ବ୍ଲକ ଅଞ୍ଚଳରେ ପଲିଥିନ ବ୍ୟବହାର ମଧ୍ୟ ବଢ଼ି ଚାଲିଛି। ତେନ୍ତୁଳିଖୁଣ୍ଟି ବ୍ଲକରେ ଦୈନିକ ୫୦କିଲୋ ପଲିଥିନ ବ୍ୟବହାର ହେଉଥିବା ଏକ ବେସରକାରୀ ସଂସ୍ଥା ସର୍ଭେରୁ ଜଣା ପଡୁଛି। ଦୋକାନଗୁଡ଼ିକରେ ପଲିଥିନ ବିକ୍ରି କରାଯାଉଥିବାବେଳେ ଚାରିଆଡେ ପଲିଥିନ ବିକ୍ଷିପ୍ତ ଭାବେ ପଡି ରହୁଛି। ଅସରାଏ ବର୍ଷା ହେଲେ ନାଳ ନର୍ଦ୍ଦମା ଚାରିଆଡ଼େ ପଲିଥିନ୍ ଜମା ହୋଇ ଦୂଷିତ ପାଣି ନିଷ୍କାସନ ହୋଇ ପାରୁନାହିଁ। ଫଳରେ ଗାଁ ଗହଳିରେ ମଶା ମାଛି ସଂଖ୍ୟା ବୃଦ୍ଧି ପାଇବା ସହ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଛି । ଗତ ଦ୨ ଦିନ ତଳେ ତେନ୍ତୁଳିଖୁଣ୍ଟି କାର୍ଯ୍ୟାଳୟ ପରିସରରେ ବିଶ୍ୱ ପରିବେଷ ଦିବସ ପାଳନ କରାଯାଇଥିବା ବେଳେ ଦୂଷିତ ପରିବେଷକୁ ଦେଖିଲେ ଏହା କେବଳ କାଗଜ କଲମରେ ସୀମିତ ଥିବା ଅଭିଯୋଗ ହେଉଛି। ପଲିଥିନ ବଦଳରେ କାଗଜ ଓ କପଡା ବ୍ୟାଗ ଉପରେ ଗୁରୁତ୍ୱ ଦେଲେ ନିଶ୍ଚିତ ରୂପେ ଏହି ଦିବସ ପାଳନର ମହତ୍ତ୍ୱ ରହିବ ବୋଲି ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଚୋରି ଜିନିଷ ଜବତ, ଜଣେ ଗିରଫ

**ସୁନାବେଡା,୭।୬( ସ୍ୱ.ପ୍ର.):** ସୁନାବେଡ଼ା ଥାନା ଅଧୀନ ବୋର୍ଡ କଲୋନିରେ ରହୁଥିବା ସରୋଜିନୀ ପଣ୍ଡାଙ୍କ ଘରୁ ଶନିବାର କବାଟ ଭାଙ୍ଗି ଚୋରି ହୋଇଥିଲା। ଏନେଇ ସରୋଜିନୀ ସୁନାବେଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ୧୦୩/୨୩ରେ ମାମଲା ରୁଜୁକରି ଏହାର ତଦନ୍ତ ଦାୟିତ୍ୱ ଏସ୍ଆଇ ସଞ୍ଜୀବ ବେହେରାଙ୍କୁ ଦେଇଥିଲେ। ବେହେରା ମାମଲାର ତଦନ୍ତକରି ଜଣେ ଯୁବକଙ୍କୁ ଗିରଫ କରିଥିଲେ। ସେ ହେଲେ ସୁନାବେଡ଼ା ରାଜୀବ କଲୋନିର ନାରାୟଣ କନ୍ଧପାନଙ୍କ ପୁଅ ଦିବାକର କନ୍ଧପାନ(୩୦)। ତାଙ୍କଠାରୁ ଚୋରି ସାମଗ୍ରୀ ଜବତ ହୋଇଛି। ଗିରଫ ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେହେରା କହିଛନ୍ତି।

### ଆମ୍ବ ଗୋଟାଇବାକୁ ଯାଇ ମହୁମାଛି ଆକ୍ରମଣରେ ବୃଦ୍ଧା ଗୁରୁତର

**ଦଶମନ୍ତପୁର, ୭।୬ (ଡି.ଏନ୍.ଏ.):** କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ପିଣ୍ଡାପଦର ପଞ୍ଚାୟତ ମରିଚଗୁଡା ଗ୍ରାମରେ ଆମ୍ବ ଗୋଟାଇବାକୁ ଯାଇ ଜଣେ ବୃଦ୍ଧା ମହୁମାଛି ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଗ୍ରାମର ଧବଳୁ ମୁଦୁଲିଙ୍କ ସ୍ତ୍ରୀ ସୁଆଇ(୬୦ )। ସୁଆଇ ଆମ୍ବତୋଟାକୁ ଯାଇ ପାଚିଲା ଆମ୍ବ ଗୋଟାଉଥିବା ବେଳେ ତାଙ୍କୁ ମହୁମାଛି ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ହୋଇ ପଡିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସୁଆଇଙ୍କୁ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### କାର୍ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

**ଲକ୍ଷ୍ମୀପୁର, ୭।୬ (ସ୍ୱ.ପ୍ର.):** କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ କକିରିଗୁମ୍ମା ଥାନାଠାରୁ ୫୦୦ ମିଟର ଦୂରରେ ରାସ୍ତାକଡରେ କାର୍‌ରୁ ଓହ୍ଲାଇ ବିଶ୍ରାମ ନେଉଥିବା ବେଳେ ପଛପଟୁ ଏକ କାର୍ ଧକ୍କା ଦେବାରୁ ଘଟଣାସ୍ଥଳରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ଦମାଇ ଖେମନ୍ଦୁ ସେଠୀ (୫୪)। ଏହି ଦୁର୍ଘଟଣାରେ ଦମାଇଙ୍କ ମାଆ ପ୍ରମିଳା ଓ ଝିଅ ମନୀଷାରାଣୀ ଆହତ ହୋଇଛନ୍ତି। ଉଭୟଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। କାକିରିଗୁମ୍ମା ଥାନା ଆଇଆଇସି ଦାମୋଦର ବିହାରୀ, ଏଏସ୍ଆଇ ଶଙ୍କର ତାଡିଙ୍ଗି, ଲକ୍ଷ୍ମୀପୁର ତହସିଲଦାର ତପନ ନାୟକ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାରୁ ପରିସ୍ଥିତି ସୁଧୁରିଥିଲା। ୬୭/୨୩ରେ ଏକ ମାମଲା ରୁଜୁ ହୋଇଛି। ଡ୍ରାଇଭର ଏସ୍.ସନ୍ତୋଷ କୁମାରଙ୍କୁ ଅଟକ ରଖାଯାଇଛି। ଦମାଇଙ୍କ ଘର ନନ୍ଦପୁରରେ ବୋଲି ଜଣାପଡ଼ିଛି। ଏମାନେ ନିଜ ସମ୍ପର୍କୀୟଙ୍କ ଦଶାହ କାର୍ଯ୍ୟରେ ଯୋଗ ଦେବାକୁ ଦଶମନ୍ତପୁର ବ୍ଲକର କୁଣ୍ଡେସ ଗ୍ରାମକୁ ଯାଉଥିବା ବେଳେ ଏପରି ଦୁର୍ଘଟଣା ଘଟିଥିଲା

### ପଞ୍ଚାୟତକୁ ସ୍ୱଚ୍ଛ ରଖିବାକୁ ମିଳିଲା ଗାଡ଼ି

**କୋରୁକୋଣ୍ଡା ୭।୬(ଡି.ଏନ. ଏ):** ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦରରେ ବୁଧବାର ସ୍ୱଚ୍ଛ ଭାରତ ଅଭିଯାନରେ ପଞ୍ଚାୟତକୁ ସ୍ୱଚ୍ଛ ରଖିବା ପାଇଁ ପଞ୍ଚାୟତକୁ ଏକ ଗାଡି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରତ୍ନାକର ସାହୁ ପତାକା ଦେଖାଇ ଉଦଘାଟନ କରିଥିଲେ। ଜଲା ପରିମଳ ପରାମର୍ଶଦାତା ସୋମନାଥ ମହାନ୍ତିଙ୍କ ସମେତ କୋରୁକୋଣ୍ଡା ବିଡିଓ ବେଦବ୍ୟାସ ଭୋଇ, କୋରୁକୋଣ୍ଡା ଗୋଷ୍ଠୀ ସମ୍ବଳ ସଂଯୋଜକ ସୁକୁ ଚରଣ ମଣ୍ଡଳ, ପଦ୍ମା ପଡିଆମି, କୋରୁକୋଣ୍ଡା ସରପଞ୍ଚ, ପିଇଓ ସୁରେଶ ସାହୁ , ସରପଞ୍ଚ ରାକେଶ ମାଝୀ, ଏମ୍ବିକେ ମଧୁସ୍ମିତା ବୈଦ୍ୟ ପ୍ରମୁଖ ଉପସ୍ଥିତ ଥିଲେ। କୋରୁକୋଣ୍ଡା ସଦର ହାଇସ୍କୁଲଗୁଡ଼ାର ତୁଳସୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ଏହାର ପରିଚାଳନା ଦାୟିତ୍ୱ ପ୍ରଦାନ କରାଯାଇଛି।

### ଖବରଦାତାଙ୍କ ପରଲୋକ

**ମୁନିଗୁଡ଼ା, ୭।୬ (ଡି.ଏନ୍.ଏ):** ମୁନିଗୁଡାର ବରିଷ୍ଠ ଖବରଦାତା ନିରଞ୍ଜନ ସାହୁଙ୍କ ବୁଧବାର ଦେହାନ୍ତ ଘଟିଛି। ନିରଞ୍ଜନ ଦୀର୍ଘଦିନ ହେବ ଅସୁସ୍ଥ ଥିବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଘରକୁ ନେଇଯିବାକୁ ପରାମର୍ଶ ଦେଇଥିଲେ। ବୁଧବାର ଆମ୍ବୁଲାନ୍ସ ଯୋଗେ ଘରକୁ ଫେରୁଥିବାବେଳେ ବ୍ରହ୍ମପୁର ନିକଟରେ ତାଙ୍କର ଦେହାନ୍ତ ଘଟିଛି। ସେ ଉତ୍କଳ ସାମ୍ବାଦିକ ସଂଘ ସହିତ ଜଡ଼ିତ ଥିବାବେଳେ ମୁନିଗୁଡ଼ା ପ୍ରେସ କ୍ଲବର ସମ୍ପାଦକ ଥିଲେ।

# ବିଦ୍ୟୁତ୍ , ରାସ୍ତା ସହ ପାନୀୟ ଜଳକୁ ଗୁରୁତ୍ୱ

**ମାଲକାନଗିରି,୭।୬ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ଯୋଜନା କମିଟି ଅଧ୍ୟକ୍ଷ ତୁଷାରକାନ୍ତି ବେହେରା ମାଲକାନଗିରି ଗସ୍ତରେ ଆସି ବୁଧବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସେ ଜିଲାରେ ବିଦ୍ୟୁତ୍, ରାସ୍ତା ସହ ପାନୀୟଜଳ ଯୋଗାଣକୁ ବୈଠକରେ ଗୁରୁତ୍ୱ ଦେଇଛନ୍ତି। ସେ କହିଛନ୍ତି, ଜିଲାରେ ଗୁରୁପ୍ରିୟା ସେତୁ ଉଦ୍‌ଘାଟନ ହେବା ପରଠାରୁ ଜିଲାରେ ପାନୀୟ ଜଳ, ରାସ୍ତାଘାଟର ଉନ୍ନତି ହୋଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଲୋକମାନେ ସ୍ୱାସ୍ଥ୍ୟ ସେବାରେ ଉପକୃତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ସର୍ବଦା ମାଲକାନଗିରି ଜିଲାର ସର୍ବାଙ୍ଗୀନ ବିକାଶକୁ ପ୍ରାଥମିକତା ଦେଉଛନ୍ତି। ଲୋକମାନଙ୍କ ନିକଟରେ ଆମେ ଉତ୍ତରଦାୟୀ ହୋଇଥିବାରୁ ସେମାନଙ୍କ ଆବଶ୍ୟକତା ଓ ଉପଲବ୍ଧ ଭିତିଭୂମିକୁ ଗୁରୁତ୍ୱ ଦେଇ ଯୋଜନା ପ୍ରସ୍ତୁତ କରାଯାଉଛି ବୋଲି ବେହେରା କହିଥିଲେ। ଏହି ଅବସରରେ ସେ ଜିଲାରେ ବିଦ୍ୟୁତ୍, ରାସ୍ତା, ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା ଓ ଜୀବନ ଜୀବିକା ନେଇ ଆଧାରିତ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ୫-ଟିକୁ ସଫଳତାର ସହ କାର୍ଯ୍ୟକାରୀ କରି ଜିଲାକୁ ବିକାଶମୁଖୀ କରିବାକୁ ମନ୍ତ୍ରୀ ବେହେରା ପରାମର୍ଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ମାଲକାନଗିରି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡମା ରାବା, ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ,


ବୈଠକରେ ମନ୍ତ୍ରୀ ତୁଷାରକାନ୍ତି ବେହେରା ବିଭିନ୍ନ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

**ଜିଲା ଯୋଜନା କମିଟି ବୈଠକ**

ଜିଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ଜିଲାପାଳ ବିଶାଲ ସିଂ ଓ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରତ୍ନାକର ସାହୁ ଉପସ୍ଥିତ ଥିଲେ। ବୈଠକରେ ବିଜୁ କେବିକେ ଯୋଜନାରେ ୨୦୨୧-୨୨ ଓ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୩ କୋଟି ୫୦ ଲକ୍ଷ ଅନୁମୋଦନ କରାଯାଇଛି। ସେହିପରି ବିସ୍ତୃତ ଜିଲ୍ଲା ଯୋଜନା (ସିଡିପି)ରେ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ୧୫୮୫ କୋଟି ୪୯ ଲକ୍ଷ ୨୩ ହଜାର ଓ ୨୦୨୨-୨୩ ପାଇଁ ୨୧୧୦ କୋଟି ୨୩ ଲକ୍ଷ ୯ ହଜାର ଟଙ୍କା ଅନୁମୋଦନ କରାଯାଇଛି। ବୈଠକରେ ଚିତ୍ରକୋଣ୍ଡା ବ୍ଲକରେ ଏକ ନୂତନ ପ୍ରାଣୀଧନ ଚିକିତ୍ସାଳୟ ପ୍ରତିଷ୍ଠା ନେଇ ମଧ୍ୟ ପ୍ରସ୍ତାବ ଅନୁମୋଦିତ ହୋଇଛି।

# ଖବର ପ୍ରକାଶ ପରେ ଶିଶୁକନ୍ୟାଙ୍କ ଘରେ ପହଞ୍ଚିଲେ ବିଡିଓ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ

**ପଡିଆ, ୭।୬(ଡି.ଏନ୍.ଏ.)**

**ଧରିତ୍ରୀ ପ୍ରଭାବ**

'ଅଜଣା ରୋଗରେ ଛଟପଟ ଶିଶୁକନ୍ୟା' ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ପଡିଆ ବିଡିଓ ଓ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଶିଶୁକନ୍ୟାଙ୍କ ଘରେ ପହଞ୍ଚି ସହାୟତା ଦେଇଛନ୍ତି। ଶିଶୁକନ୍ୟାର ଚିକିତ୍ସା ଲାଗି ସମସ୍ତ ପଦକ୍ଷେପ ନିଆଯିବ ବୋଲି ପରିବାର ଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

ଖବରରୁ ଜଣାପଡିଛି, ମାଲକାନଗିରି ଜିଲା ପଡିଆ ବ୍ଲକ ବାଡେଲବାଡା ଗ୍ରାମର ସୁକା ମାଡିଙ୍କ ସାନଝିଅ ବିରେଙ୍କ ବେକ ପଛରେ ଏକ ମାଂସ ପିଣ୍ଡୁଳା ବାହାରି ବଢିବାକୁ ଲାଗିଥିଲା। ଏଥିପାଇଁ ସେ ଖୁବ୍ ଯନ୍ତ୍ରଣା ଅନୁଭବ କରୁଥିଲେ। ଅଧିକ ଚିକିତ୍ସା ଲାଗି ପରିବାର ଲୋକଙ୍କ ପାଖରେ ଅର୍ଥ ନ ଥିଲା। ସୁକା ଝିଅକୁ ପ୍ରଥମେ ପଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଜିଲା ସଦର ମହକୁମା ଚିକିତ୍ସାଳୟରେ ଚିକିତ୍ସା କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ସେ ଝିଅକୁ ଆନ୍ଧ୍ରପ୍ରଦେଶର ଭଦ୍ରାଚଲମକୁ ନେଇ ମଧ୍ୟ ଚିକିତ୍ସା କରିଥିଲେ। ପାଖରେ ଥିବା ସବୁ ଅର୍ଥ ଖର୍ଚ୍ଚ ହୋଇଯିବାରୁ ଶେଷରେ ସେ ଆଉ ଝିଅର ଚିକିତ୍ସା କରି ନ ପାରି ତାକୁ ଘରକୁ ଧରି ଫେରି ଆସିଥିଲେ। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ବିରେଙ୍କ ଚିକିତ୍ସା ଲାଗି ପ୍ରଶାସନ ପଦକ୍ଷେପ ନେଇ କଟକ ଶିଶୁଭବନରେ ତାଙ୍କ ଚିକିତ୍ସା ବ୍ୟବସ୍ଥା କରିଥିଲା।

# ଭଙ୍ଗା ଛଣ ଛପର କୁଡ଼ିଆରେ ବିତୁଛି ଜୀବନ

**ଗୃହ ଭୁଶୁଡ଼ିପଡ଼ିବା ଆଶଙ୍କାରେ ରହୁଛନ୍ତି ରାତି ଉଜାଗର**


ନିଜ ଛଣଛପର ଘର ପିଣ୍ଡାରେ ଡମୁଣୀ।

**ଦଶମନ୍ତପୁର,୭।୬ ( ଡି.ଏନ.ଏ.)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ପିଣ୍ଡାପଦର ପଞ୍ଚାୟତର ଦେଓଖଡ଼କ ଗ୍ରାମର ଡମୁଣୀ ପ୍ରଧାନୀ । ବୟସ ୮୫ ଟପିଲାଣି। ୨ ବର୍ଷ ତଳେ ବର୍ଷାରେ ଭୁଶୁଡ଼ିଥିବା ଭଙ୍ଗା ଛଣ ଛପର କୁଡ଼ିଆରେ ଦୟନୀୟ ଭାବେ ଜୀବନ ବିତାଉଛନ୍ତି ସେ। ପାଖରେ ଝିଅ ପୁଅ କେହି ନାହାନ୍ତି। ବର୍ଷାଋତୁ ଆସିଲେ କାଳେ କୁଡିଆଟି ଭୁଶୁଡ଼ି ପଡିବ ଏହି ଆଶଙ୍କାରେ ଡମୁଣୀ ଭୟରେ ରାତିସାରା ଉଜାଗର ରହୁଛନ୍ତି। ଦି'ଓଳି ଖାଇବା ଯୋଗାଡ କରିବା ତାଙ୍କ ପାଇଁ କଷ୍ଟକର ହୋଇପଡୁଛି। ସରକାରଙ୍କ ପକ୍ଷରୁ ଯାହା ଭତ୍ତା ମିଳୁଛି ସେଥିରେ ଚଳିବା ତାଙ୍କ ପାଇଁ କଷ୍ଟକର ହୋଇପଡୁଛି। ସେ ମୁଣ୍ଡ ଗୁଞ୍ଜିବା ପାଇଁ ପ୍ରଶାସନ ପକ୍ଷରୁ ଖଣ୍ଡିଏ ଗୃହ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ନବୀନ ମୁଦୁଲିଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଲେ, ମୁଁ ସମ୍ପୃକ୍ତା ବୃଦ୍ଧାଙ୍କ ପାଖକୁ ଯାଇ ତାଙ୍କ ସମସ୍ୟା ପଚାରି ବୁଝିଛି। ଆଗାମୀ ଦିନରେ ତାଙ୍କ ପାଇଁ ଖଣ୍ଡେ ଗୃହ ବ୍ୟବସ୍ଥା କରିଦେବେ ବୋଲି ମୁଦୁଲି କହିଛନ୍ତି।

# ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେଲେ ମନ୍ତ୍ରୀ



ଅମଲା ସଂଘ ଦାବିକୁ ସମର୍ଥନ ଜଣାଇ ଉତ୍କଳ ସାମ୍ବାଦିକ ସଂଘ କର୍ମକର୍ତ୍ତା ଧାରଣାରେ ସାମିଲ ହୋଇଛନ୍ତି।

**ମାଲକାନଗିରି,୭।୬ (ଡି.ଏନ୍.ଏ.)**

**ଖବରଦାତାଙ୍କ ଦାବିକୁ ସମର୍ଥନ ଜଣାଇଲେ ମନ୍ତ୍ରୀ**

ମାଲକାନଗିରି ଜିଲାକୁ ରାଜ୍ୟ ବିଦ୍ୟୁତ୍, ସୂଚନା ପ୍ରଯୁକ୍ତି ବିଦ୍ୟା, କ୍ରୀଡା ଓ ଯୁବସେବା ଏବଂ ଗୃହ କମିଟି ଅଧ୍ୟକ୍ଷ ତୁଷାରକାନ୍ତି ବେହେରା ଦୁଇଦିନିଆ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବୁଧବାର ସେ ଉତ୍କଳ ସାମ୍ବାଦିକ ସଂଘ କର୍ମକର୍ତ୍ତାଙ୍କ ସହ ସର୍କିଟ ହାଉସ୍‌ଠାରେ ଆଲୋଚନା କରିଥିଲେ। ମନ୍ତ୍ରୀ ବେହେରା, ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକାଙ୍କ ସହ ଖବରଦାତାମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଖବରଦାତାଙ୍କ ସାମାଜିକ ସୁରକ୍ଷା ନେଇ ଆଇନ ପ୍ରଣୟନ, ସ୍ୱାସ୍ଥ୍ୟ ବୀମା ଯୋଜନା ଅର୍ଥ ୨ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି, ପେନସନ ଲାଗୁ ସମ୍ପର୍କରେ ମନ୍ତ୍ରୀ ଖବରଦାତାମାନଙ୍କ ସହ ଆଲୋଚନା କରିଥିଲେ। ଖବରଦାତାମାନଙ୍କ ଦାବି ଯଥାର୍ଥ, ଏହି ଦାବିଗୁଡିକ କିପରି ପୂରଣ କରାଯିବ ସେନେଇ ସେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ପଦକ୍ଷେପ ନେବେ ବୋଲି ମନ୍ତ୍ରୀ ବେହେରା ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ କାର୍ଯ୍ୟକାରୀ ସଭାପତି ଅଶୋକ ମିଶ୍ର, ସମ୍ପାଦକ ଶ୍ରୀନିବାସ ପାତ୍ର, ସତ୍ୟ ନାରାୟଣ ଦାସ, ସିମାଞ୍ଚଳ ପାଣିଗ୍ରାହୀ, ବିକ୍ରମ ସ୍ୱାଇଁ, ଅବିନାଶ ବେହେରା, ଅପୂର୍ବ ଥଣ୍ଡର, ପ୍ରଦୀପ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ମିଳିତ ଅମଲା ମଞ୍ଚର ଧାରଣାକୁ ସମର୍ଥନ କଲା ଉତ୍କଳ ସାମ୍ବାଦିକ ସଂଘ

**ମାଲକାନଗିର,୭।୬ (ଡି.ଏନ୍.ଏ.)**

ଚଳିତ ମାସ ୧ ତାରିଖଠାରୁ ରାଜ୍ୟରେ ରାଜ୍ୟ ଅମଲା ସଂଘ ଗୋଟିଏ ଦଫା ଦାବି ନେଇ ସମୂହ ଛୁଟିରେ ରହିବା ସହ ଦାବି ପୂରଣ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣା ଦେଉଛନ୍ତି। ମାଲକାନଗିରି ଜିଲାରେ ମଧ୍ୟ ମିଳିତ ଅମଲା ମଞ୍ଚ ପକ୍ଷରୁ ଅମଲାମାନେ ଧାରଣା ଦେଉଛନ୍ତି। ବୁଧବାର ଜିଲା ଉତ୍କଳ ସାମ୍ବାଦିକ ସଂଘ ଅମଲାଙ୍କ ଆନ୍ଦୋଳନକୁ ସମର୍ଥନ କରିଛି। ସଂଘର ସମସ୍ତ ସଦସ୍ୟ ଧାରଣାସ୍ଥଳକୁ ଯାଇ ସେମାନଙ୍କୁ ସମର୍ଥନ ଦେଇଥିବା ସଂଘ ସଭାପତି ଦୁର୍ଯ୍ୟୋଧନ ପାତ୍ର କହିଛନ୍ତି। ଅମଲାମାନେ ୧ରୁ ଧାରଣାରେ ବସିଥିବାରୁ ସମସ୍ତ କାର୍ଯ୍ୟାଳୟର କାର୍ଯ୍ୟ ଠପ୍ ହୋଇଯାଇଛି। ଫଳରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଲୋକେ ହଇରାଣ ହେଉଥିବା ଦେଖିବାକୁ ମିଳୁଛି।

## ଦାବି ପୂରଣ ନେଇ ସରକାରଙ୍କୁ ଜଣାଇବେ ପ୍ରତିଶ୍ରୁତି ଦେଲେ ଏମ୍‌ପି, ବିଧାୟକ

**ମାଲକାନଗିର,୭।୬ (ଡି.ଏନ୍.ଏ.)**

ରାଜ୍ୟ ଅମଲା ସଂଘ ପକ୍ଷରୁ ଅମଲାମାନେ ଜୁନ୍ ୧ରୁ ଏକ ଦଫା ଦାବି ନେଇ ସମୂହ ଛୁଟିରେ ରହିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରେ ଧାରଣାରେ ବସିଛନ୍ତି। ନବରଙ୍ଗପୁର ଏମ୍‌ପି ରମେଶ ମାଝି, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଓ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡମା ରାବା ବୁଧବାର ଧାରଣାସ୍ଥଳକୁ ଯାଇ ଅମଲାଙ୍କ ସହ ଆଲୋଚନା କରିଛନ୍ତି। ସେମାନଙ୍କ ଗୋଟିଏ ଦଫା ଦାବି ପୂରଣ ନେଇ ସରକାରଙ୍କୁ ଅବଗତ କରାଇବେ ବୋଲି ଏମ୍‌ପି ମାଝି କହିଛନ୍ତି। ନିଶ୍ଚିତ ଭାବେ ସେମାନଙ୍କ ଦାବି ପୂରଣ କରିବେ ବୋଲି ଏମ୍‌ପି ଓ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି।

# କାଳବୈଶାଖୀରେ କ୍ଷତିଗ୍ରସ୍ତ ଲୋକେ ମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ

**ବାଲିମେଳା, ୭।୬(ଡି.ଏନ.ଏ.)**

ମାଲକାନଗିରି ଜିଲା ଗସ୍ତରେ ଆସିଥିବା ଯୁବ କ୍ରୀଡ଼ା ବ୍ୟାପାର ବିଭାଗମନ୍ତ୍ରୀ ତୁଷାର କାନ୍ତି ବେହେରାଙ୍କୁ କାଳବୈଶାଖୀରେ କ୍ଷତିଗ୍ରସ୍ତ ଲୋକେ ବୁଧବାର ଦାବିପତ୍ର ଦେଇଛନ୍ତି। ରବିବାର ଅପରାହ୍ନରେ ହୋଇଥିବା କାଳ ବୈଶାଖୀରେ ବାଲିମେଳା ନଗରର ୧୦ ନମ୍ବରୱାର୍ଡରେ ଏକ ସ୍କୁଲ ପଛପଟେ ବାସ କରୁଥିବା ଲୋକଙ୍କ ଘରର ଟିଣ ଛପର ଉଡ଼ି ଯାଇଥିଲା। କଚ୍ଚା ଘରଗୁଡିକ କ୍ଷତିଗ୍ରସ୍ତ ହୋଇଥିଲା। ସେମାନେ ବୁଧବାର ମାଲକାନଗିରି ଗସ୍ତରେ ଆସିଥିବା ମନ୍ତ୍ରୀ ବେହେରାଙ୍କୁ ଦାବିପତ୍ର ଦେଇଛନ୍ତି। ଖୁବ୍‌ଶୀଘ୍ର ସେ ଏ ନେଇ ଜିଲାପାଳଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏ ସମ୍ପର୍କରେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା,ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲ, ପୂର୍ବତନ ବିଧାୟକ ମାନସ ମାଡକାମୀ , ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡମା ରାବା, ଜିଲା ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ଜିଲା ବିଜେଡି ସାଧାରଣ ସମ୍ପାଦକ ଗୋପାଳକୃଷ୍ଣ ପଣ୍ଡା, ବାଲିମେଳା ନଗର ସଭାପତି ମଙ୍ଗଳା ପାଙ୍ଗି, ବାଲିମେଳା ଉପାଧ୍ୟକ୍ଷା ରଶ୍ମିତା ବାଙ୍କା, କାଉନସିଲର ସୁନିତା ଗୁରୁ, ଦେବେନ୍ଦ୍ର ଦାସ, ମଙ୍ଗୁଳି ହିଆଳ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ ।

# କଣ୍ଟାଗୁଡ଼ା ଯୁବକ ସଂଘର କ୍ରିକେଟ ଟୁର୍ନାମେଣ୍ଟ


ଟୁର୍ନାମେଣ୍ଟ ଉଦ୍‌ଘାଟନ ଅବସରରେ ଅତିଥିମାନେ।

**ଦାମନଯୋଡ଼ି,୭।୬(ଡି.ଏନ୍.ଏ.)**

କୋରାପୁଟ ଜିଲା ଦାମନଯୋଡ଼ିର ଅଁଳାବାଡ଼ିସ୍ଥିତ କଣ୍ଟାଗୁଡ଼ା କଲୋନି ଯୁବକ ସଂଘ ପକ୍ଷରୁ ବୁଧବାରଠାରୁ ବିଭିନ୍ନ ଗ୍ରାମର ୧୫ଟି ଦଳକୁ ନେଇ ତ୍ରିନାଥ ମନ୍ଦିର ପଡ଼ିଆରେ ଏକ କ୍ରିକେଟ୍ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ହର୍ ହର୍ ମହାଦେବ, ବାରଙ୍ଗାପୁଟ ଟିମ୍ ଦାମନଯୋଡିର ଡେୟାର ଡେଭିଲ୍ସ ଟିମ୍‌କୁ ଭେଟିଥିଲେ। ପ୍ରଥମ ଦିନ ୨ଟି ମ୍ୟାଚ ହୋଇଥିଲା। କଣ୍ଟାଗୁଡ଼ା କଲୋନିର ବୟୋଜ୍ୟେଷ୍ଠ ବ୍ୟକ୍ତି କୃତ୍ତିବାସ ରାଜୁ, ଯୁଧିଷ୍ଠିର ଦଳେଇ, ଲୋକନାଥ ଗୁଣ୍ଠା ଅତିଥିଭାବେ ଯୋଗନେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। କାକିରିଗୁମ୍ମାର ହର୍‌ହର୍ ମହାଦେବ, ଦାମନଯୋଡ଼ିର ଡେୟାର ଡେଭିଲ୍ସ, ଲଛମଣୀ, ପୁଟୁରାଘାଟି ଗୌରୀ-ଏକାଦଶ, ଚମ୍ପାପଦର, ମରିଚମାଳ, କାପଶିପୁଟ,ଦାମନଯୋଡି, ଗଡତି, ମର୍ନିଂ କ୍ଲବ, ଗାଦିପାବୁଲି, ଡୁମୁରିପୁଟ, ମାଳିସାହି ଓ କଣ୍ଟାଗୁଡ଼ା ଆଦି ୧୫ଟି ଟିମ୍ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚରେ ଲକ୍ଷ୍ମଣ ପ୍ରଧାନ ଓ ଭାଗୀରଥି ଗୁଣ୍ଠା ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। ଭାଷ୍ୟକାର ଦାୟିତ୍ୱରେ ନରେନ୍ଦ୍ର ଇରିଙ୍ଗାଇ ଓ ଅରୁଣ ପ୍ରଧାନ ଥିଲେ। ଆସନ୍ତା ୧୫ରେ ଟୁର୍ନାମେଣ୍ଟର ନିର୍ଣ୍ଣାୟକ ମ୍ୟାଚ ଖେଳାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି ଅବସରରେ ସଂଘ ପକ୍ଷରୁ ତ୍ରିନାଥ ମନ୍ଦିର ପଡ଼ିଆରେ ବୃକ୍ଷରୋପଣ କରାଯାଇଥିଲା। ଯୁବକ ସଂଘ ସଦସ୍ୟ ଦେବେନ୍ଦ୍ର ରାଜୁ ଟୁର୍ନାମେଣ୍ଟ ପରିଚାଳନା କରୁଛନ୍ତି।

# ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ୟୁନିୟନର କାର୍ଯ୍ୟକାରୀ କମିଟି ବୈଠକ

**କୋରାପୁଟ,୭।୬ (ସ୍ୱ.ପ୍ର.)**

କୋରାପୁଟ ରେଲୱେ ସଭାଗୃହଠାରେ ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ୟୁନିୟନର କାର୍ଯ୍ୟକାରୀ କମିଟି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୁଧବାର ଆୟୋଜିତ ଏହି ବୈଠକରେ ଇଷ୍ଟକୋଷ୍ଟର ୱାଲଟିୟର ଡିଭିଜନ ଡିଆରଏମ ଅନୁପ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଓ ସୁବିଧା ଉପରେ ଆଲୋଚନା କରଥିଲେ। ଆଗାମୀ ଦିନରେ କୋରାପୁଟ ରେଲୱେ ଇନ୍‌ଷ୍ଟିଚ୍ୟୁଟ ସଭାଗୃହ ନବୀକରଣ କରାଯିବ ବୋଲି ଶତପଥୀ ପ୍ରତିଶ୍ରୁତି ଦେଇଥିଲେ । ଏହି ଅଧିବେଶନରେ ମୁଖ୍ୟତଃ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା। ବିଗତ ଦିନରେ ବାହାନଗାଠାରେ ହୋଇଥିବା ଟ୍ରେନ ଦୁର୍ଘଟଣାରେ ବହୁ ବ୍ୟକ୍ତି ମୃତ୍ୟୁବରଣ କରିଥିବା ହେତୁ ବୁଧବାର ଏହି କାର୍ଯ୍ୟକାରୀ ବୈଠକକୁ ସାମାନ୍ୟ ପରିବର୍ତ୍ତନ କରାଯାଇ ରେଳ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।


ବୈଠକରେ ଉପସ୍ଥିତ ଅଧିକାରୀମାନେ।

ରେଲୱେରେ ସୁରକ୍ଷା ବ୍ୟବସ୍ଥା ନେଇ ବିଭାଗରେ ଖାଲି ପଡିଥିବା ୩ ଲକ୍ଷ ୫୦ ହଜାର ପଦବୀକୁ ଶୀଘ୍ର ପୂରଣ କରିବାକୁ ବୈଠକରେ ଶ୍ରମିକ ନେତାମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଶ୍ରମିକ ୟୁନିୟନ ପକ୍ଷରୁ କେନ୍ଦ୍ରୀ ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ପାଇଁ ହୋଇଥିବା ନୂତନ ପେନସନ ସ୍କିମ ବିରୋଧରେ ଆସନ୍ତା ୨୧ରେ ଭୁବେନେଶ୍ୱରଠାରେ ୟୁନିୟନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିବା ରେଲୱେ ଶ୍ରମିକ ୟୁନିୟନ ସାଧାରଣ ସମ୍ପାଦକ ପିକେ ପାଟଶାଣୀ କହିଥିଲେ । ସନ୍ଧ୍ୟାରେ ଆୟୋଜିତ ବୈଠକରେ କୋରାପୁଟ ବିଧାୟକ ରଘୁରାମ ପଡାଲ ଯୋଗଦେଇ ରେଲୱେ ଶ୍ରମିକ ୟୁନିୟନ ନାର୍ଯ୍ୟଦାବିକୁ ସମର୍ଥନ କରିବା ସହ ସେମାନଙ୍କ ସମସ୍ୟା ସରକାର ତୁରନ୍ତ ସମାଧାନ କରିବାକୁ ଦାବି କରିଥିଲେ। ବୈଠକରେ କୋରାପୁଟ ଏଡିଇଏମ ଲଲାଟେନ୍ଦୁ ବିଦ୍ୟାଧର ଜେନା ଓ ଜେନାଲ କମିଟି ସଭାପତି ଆର.ଭିଏସ୍ ରାଓ ଅଧ୍ୟକ୍ଷତା କରିଥିଲେ। ଜୋନାଲ କମିଟି ସମ୍ପାଦକ ବିଡି ରାଓ, ରଞ୍ଜିତ ଦାସ, ପି.ଭି.ଜେ. ରବି , କୋରାପୁଟ ଶାଖା ସମ୍ପାଦକ ଆର. କେ ଡୁରୁକ, ଯୁଗ୍ମ ସମ୍ପାଦକ ଏସକେ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ୱାଲଟିୟର ଓ ସମ୍ବଲପୁର ଡିଭିଜନର ରେଲୱେ ଶ୍ରମିକ ୟୁନିୟନ କାର୍ଯ୍ୟକାରୀ କମିଟିର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ । ବାହାନଗା ରେଳ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା।

**୨୧ ରେ ନୂତନ ପେନସନ ସ୍କିମ ବିରୋଧରେ ବିକ୍ଷୋଭ**

# ସରିଲା ପଛୁଆବର୍ଗ ସର୍ବେକ୍ଷଣ

**୬୩୦୪ ପରିବାରର ୨୦୬୯୫ ସଦସ୍ୟ ସାମିଲ**

**ନନ୍ଦପୁର, ୭।୬ (ଡି.ଏନ୍.ଏ.)**

ପଛୁଆବର୍ଗ ଆୟୋଗଙ୍କ ନିର୍ଦ୍ଦେଶରେ ରାଜ୍ୟବ୍ୟାପୀ ଚାଲିଥିବା ପଛୁଆବର୍ଗ ସର୍ବେକ୍ଷଣ ମଙ୍ଗଳବାର ଶେଷ ହୋଇଛି। କୋରାପୁଟ ଜିଲା ନନ୍ଦପୁର ବ୍ଲକର ୨୩ ପଞ୍ଚାୟତରେ ବସବାସ କରୁଥିବା ପଛୁଆବର୍ଗ ଲୋକଙ୍କ ସର୍ବେକ୍ଷଣ ୮୯ଟି କେନ୍ଦ୍ରରେ ହୋଇଥିଲା। ଅଧିକାରୀମାନେ ସର୍ଭେ ଶେଷକରି ଆଇସିଆର ଫର୍ମ ବ୍ଲକ କାର୍ଯ୍ୟାଳୟରେ ଦାଖଲ କରିଛନ୍ତି। ୧।୫।୨୦୨୩ରୁ ଆରମ୍ଭ ହୋଇଥିବା ଏହି ସର୍ବେକ୍ଷଣର ଶେଷଦିନରେ ୨୦୩ ପରିବାରର ୬୮୬ ଜଣ ସଦସ୍ୟଙ୍କ ଆଇସିଆର ଫର୍ମ ପୂରଣ କରାଯାଇଥିଲା। ବ୍ଲକର ୬୩୦୪ ପରିବାର ସର୍ବେକ୍ଷଣରେ ସାମିଲ ହୋଇଥିଲେ। ମୋଟ ୨୦୬୯୫ ଜଣ ସଦସ୍ୟଙ୍କ ପଞ୍ଜୀକରଣ ୬୮୧୭ଟି ଆଇସିଆର ଫର୍ମ ଦ୍ୱାରା କରାଯାଇଥିବା ଜଣାପଡିଛି। ଯଦି ବ୍ଲକ ଅଞ୍ଚଳର କେହି ସର୍ବେକ୍ଷଣରୁ ବାଦ୍ ପଡ଼ୁଥାନ୍ତି ତେବେ ପରବର୍ତ୍ତୀ ସମୟରେ ସେମାନଙ୍କ ପଞ୍ଜୀକରଣ ଲାଗି ପଦକ୍ଷେପ ନିଆଯିବ ବୋଲି ଜିପିଓ ବେଦାନ୍ତ ମାଝି କହିଛନ୍ତି।

## ସଂକ୍ଷେପରେ

### ବିନା ଅନୁମତିରେ ରାସ୍ତା ଖୋଳି ପାଇପ ଲାଇନ ନେବା ମନା ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ

ଜୟପୁର,୭।୬(ନି.ପ୍ର.): ଜୟପୁର ପୌରପାଳିକାର ବିଭିନ୍ନ ସାହିରେ ରାସ୍ତା ଖୋଳି ପାଇପ ଲାଇନ ଲୋକେ ଘରକୁ ପାଇପ ଲାଇନ ନେଉଛନ୍ତି। ଏଣିକି ବିନା ଅନୁମତିରେ ରାସ୍ତା ଖୋଳି ପାଇପ ଲାଇନ ନେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ କହିଛନ୍ତି। ସେ କହିଛନ୍ତି ଯେ, ସହରରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ରାସ୍ତାଗୁଡିକୁ ମନଇଛା ଖୋଳି ରାସ୍ତା ଖରାପ କରାଯାଉଛି। ଏହା ଦ୍ୱାରା ସରକାରୀ ଅର୍ଥ ନଷ୍ଟ ହେବା ସହ ଯେଉଁ ଉଦ୍ଦେଶ୍ୟରେ ରାସ୍ତା ନିର୍ମାଣ ହୋଇଛି ତାହା ପୂରଣ ହୋଇପାରୁନି। ରାସ୍ତା ନିର୍ମାଣରେ ପୁଣି ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି। ଏଣିକି ବିନା ଅନୁମତିରେ ରାସ୍ତା ଖୋଳି ପାଇପ୍ ଲାଇନ ନେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପଟ୍ଟନାୟକ କହିଛନ୍ତି। ଯେଉଁ ଘରକୁ ପାଣି ସଂଯୋଗ ହେବ ହେବ ଏଣିକି ପୌର ପାଳିକା ନିକଟରୁ ଅନୁମତି ନେବା ବାଧ୍ୟତାମୂଳକ ବୋଲି ସେ କହିଛନ୍ତି।

### ନିର୍ଯାତନା ଅଭିଯୋଗରେ ସ୍ୱାମୀ ଗିରଫ

**ଆସିକା,୭।୬(ଡି.ଏନ.ଏ):** ସ୍ତ୍ରୀଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗରେ ଅଭିଯୁକ୍ତ ସ୍ୱାମୀଙ୍କୁ ଗାଙ୍ଗପୁର ଥାନା ପୋଲିସ ବୁଧବାର ଗିରଫ କରିଛି । ସେ ହେଲେ ବାଙ୍ଗରଡା ଗ୍ରାମର ଶ୍ୟାମ ସେଠୀ । ତାଙ୍କୁ ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି । ପ୍ରଥମ ସ୍ତ୍ରୀଙ୍କ ବିୟୋଗ ପରେ ଶ୍ୟାମ ଦ୍ୱିତୀୟ ବିବାହ କରିଥିଲେ । ତାଙ୍କର ଦୁଇଟି ପୁଅ ଝିଅ । ଏଭଳିସ୍ଥଳେ ପ୍ରାୟ ଏକ ବର୍ଷ ହେବ ସେ ଅନ୍ୟ ଜଣଙ୍କୁ ତୃତୀୟ ସ୍ତ୍ରୀ ଭାବେ ଗ୍ରହଣ କରିଥିଲେ । ତୃତୀୟ ସ୍ତ୍ରୀଙ୍କୁ ଶ୍ୟାମ ଶାରିରୀକ ଓ ମାନସିକ ନିର୍ଯାତନା ଦେଉଥିବା ନେଇ ଗାଙ୍ଗପୁର ପୋଲିସରେ ଅଭିଯୋଗ ହୋଇଥିଲା। ପୋଲିସ ନଂ.୪୨୩/୨୩ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

### ଯୌତୁକ ପାଇଁ ନବବଧୂ ହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

**ପାତ୍ରପୁର,୭।୬(ଡି.ଏନ.ଏ.):** ପାତ୍ରପୁର ବ୍ଲକ ଜରଡ଼ା ଥାନା ଅନ୍ତର୍ଗତ ଅଭୟପୁର ଗ୍ରାମର ଜଣେ ନବ ବିବାହିତଙ୍କ ମୃତଦେହ ବୁଧବାର ପୋଲିସ ଜବତ କରିଛି । ସେ ହେଲେ ଆନ୍ଧ୍ର ପ୍ରଦେଶ ଇଚ୍ଛାପୁର ଥାନା ଅନ୍ତର୍ଗତ କୁଲିଗାଁ ବାସିନ୍ଦା ଡି. ନିଳିମା(୧୯)। ନିଳିମା ଚଳିତ ବର୍ଷ ଫେବୃଆରୀ ମାସ ୨୭ରେ ଅଭୟପୁର ଗ୍ରାମର ଡି. ଅନନ୍ତଙ୍କୁ ବିବାହ କରିଥିଲେ। ବିବାହର ମାତ୍ର ତିନିମାସ ପୂରିଥିବା ବେଳେ ନିଳିମା'ଙ୍କ ମୃତ୍ୟୁକୁ ନେଇ ତାଙ୍କ ପରିବାର ଲୋକେ ପୁଅଘର ଲୋକଙ୍କ ଉପରେ ଯୌତୁକ ନିର୍ଯାତନା ଦାବି କରି ହତ୍ୟା କରିଥିବା ଅଭିଯୋଗ ଆଣିଛନ୍ତି। ଏ ନେଇ ପୋଲିସ ମୃତ ମହିଳାଙ୍କ ସ୍ୱାମୀ ଅନନ୍ତଙ୍କୁ ଜରଡ଼ା ଥାନାରେ ଅଟକ ରଖି ପଚରା ଉଚୁରା ଚଳାଇଛି। ପାତ୍ରପୁର ତହସିଲ ଦାୟିତ୍ୱରେ ଥିବା ଚିକିଟି ତହସିଲଦାର ବିଶ୍ୱରଞ୍ଜନ କଂହର ଓ ଚିକିଟି ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭାତ୍ରାଙ୍କ ଉପସ୍ଥିତିରେ ମୃତଦେହ ଉଦ୍ଧାର ପରେ ଏକ ଅପମୃତ୍ୟୁ ମାମଲା ନଂ. ୧୯୫/୨୩ ରୁଜୁ କରାଯାଇଛି। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଏସଆଇ ମେଦିନେଶ୍ୱର କଂହର କହିଛନ୍ତି।

### ୨ ଲୁଟେରା ଗିରଫ

ଆସିକା,୭।୬(ଡି.ଏନ.ଏ): ଆସିକା ଥାନା ଅନ୍ତର୍ଗତ ଖଣ୍ଡବନ୍ଧ ଗ୍ରାମ ନିକଟରେ ମଙ୍ଗଳବାର ରାତିରେ ଜଣେ ମୋପେଡ ଆରୋହୀଙ୍କୁ ମାଡମାରି ଟଙ୍କା ଓ କାଗଜପତ୍ର ଲୁଟି ନେଇଥିବା ୨ ଲୁଟେରାଙ୍କୁ ପୋଲିସ ବୁଧବାର ଗିରଫ କରିଛି। ସେମାନେ ହେଲେ ଆସିକା ଥାନା ଅନ୍ତର୍ଗତ ନବରତ୍ନପୁର ଗ୍ରାମର ଶିବ ପୋଲାଇ ଓ ଗଣେଶ ପୋଲାଇ। ଅଭିଯୁକ୍ତଦ୍ୱୟଙ୍କ ନିକଟରୁ ପୋଲିସ ଟଙ୍କା ଓ ଲୁଟ ସାମଗ୍ରୀ ଉଦ୍ଧାର କରିଛି । ଉଭୟଙ୍କୁ ବୁଧବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଗାଙ୍ଗପୁର ଥାନା ଖଣ୍ଡରାବଳିସ୍ଥିତ ଏକ କୁକୁଡା ଫାର୍ମରେ ଡାକ୍ତର ଭାବେ ନିୟୋଜିତ ସରୋଜ କୁମାର ପାତ୍ର ମଙ୍ଗଳବାର ରାତି ପ୍ରାୟ ୮ଟାରେ କାମ ସାରି ଖଣ୍ଡବନ୍ଧ ଦେଇ ମୁଣ୍ଡମରାଇ ଗ୍ରାମକୁ ଫେରୁଥିଲେ । ଏହି ସମୟରେ ଅଭିଯୁକ୍ତଦ୍ୱୟ ଖଣ୍ଡବନ୍ଧ ଗ୍ରାମ ଉପକଣ୍ଠରେ ଥିବା ପୋଖରୀ ନିକଟରେ ତାଙ୍କୁ ଅଟକାଇ ନିର୍ଘୁମ ମାଡ ମାରିବା ସହ ତାଙ୍କ ପକେଟରୁ ୨ହଜାର ଟଙ୍କା, ମୋବାଇଲ ଫୋନ, ପାନ କାର୍ଡ, ଆଧାର କାର୍ଡ ଓ ବାଇକର ଚାବି ନେଇ ପଳାଇଥିଲେ ।

# କାଳବୈଶାଖୀରେ ଉପୁଡ଼ିଲା ଗଛ, ବିଦ୍ୟୁତ୍ ଖୁଣ୍ଟ

**ରାୟଗଡ଼ା ଅଫିସ/ରାୟଗଡ଼ା (ସ୍ୱ.ପ୍ର.), ୭।୬**



ଅଶୋକ କଲ୍ୟାଣ ମଣ୍ଡପ ନିକଟରେ ଗଛଡାଳ ପଡ଼ି ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଛି।

ରାୟଗଡ଼ା ଜିଲାର ବିଭିନ୍ନ ସ୍ଥାନରେ କାଳ ବୈଶାଖୀ ବର୍ଷା ଓ ପବନ ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। କାଳବୈଶାଖୀ ଯୋଗୁ ବୁଧବାର ଅପରାହ୍ନ ପ୍ରାୟ ୩ଟାରେ ଜିଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସାଙ୍ଗକୁ ବହୁ ଜୋରରେ ପବନ ହୋଇଥିବା ଜଣାପଡ଼ିଛି। ଫଳରେ ରାୟଗଡ଼ା ସହର ସମେତ ଜିଲାର ପ୍ରାୟ ସ୍ଥାନରେ ଗଛ ଭାଙ୍ଗିବା ସହ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ସହରର ରାମକ୍ରିଷ୍ଣାନଗର, ଇନ୍ଦିରାନଗର, ଗାନ୍ଧୀନଗର, ରୟତ କଲୋନି ଓ ଏସ୍‌ପିଙ୍କ କାର୍ଯ୍ୟାଳୟ ଆଦି ସ୍ଥାନରେ ଗଛ ପଡ଼ିବା ସହିତ ଅଶୋକ କଲ୍ୟାଣ ମଣ୍ଡପ ନିକଟରେ ବିଦ୍ୟୁତ୍ ଖୁଣ୍ଟ ଉପୁଡିବା ଫଳରେ ଦୀର୍ଘ ସମୟ ଧରି ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ସେହିଭଳି ଜଗନ୍ନାଥ ମନ୍ଦିର ନିକଟସ୍ଥ ୱାର୍ଡ ନଂ. ୨ରେ ଗଛ ଉପୁଡ଼ି ବିଦ୍ୟୁତ୍ ତାର ଉପରେ ପଡ଼ିଛି। ଏହିଭଳି ଜିଲାର ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗିବା ସହ ଓ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ସରବରାହ ବନ୍ଦ ରହିଥିବା ସୂଚନା ମିଳିଛି ।

# ବିଦ୍ୟାଳୟ ରୂପାନ୍ତକରଣ ପାଇଁ ୧୪.୦୫ କୋଟି ଅନୁମୋଦନ

## ୫-ଟି ସଚିବଙ୍କ ରାୟଗଡ଼ା ଗସ୍ତ

**ରାୟଗଡା,୭।୬(ସ୍ୱ.ପ୍ର.)**

୫ ଟି ସଚିବ ଭି.କେ ପାଣ୍ଡିଆନଙ୍କ ରାୟଗଡ଼ା ଗସ୍ତ ପରେ ଜିଲାର ବିକାଶ ପାଇଁ ଅର୍ଥ ମଞ୍ଜୁର କରାଯାଇଥିବା ସୂଚନା ମିଳିଛି। ୫ -ଟି ଅଧୀନରେ ଜିଲାର ଡିଗ୍ରୀ କଲେଜ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକର ରୂପାନ୍ତକରଣ ପାଇଁ ୧୪.୦୫ କୋଟି ଟଙ୍କା ଅନୁମୋଦନ ମିଳିଥିବା ଜଣାପଡିଛି। ଜିଲାରେ ଥିବା ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ କଲେଜଗୁଡିକ ୬ ମାସ ମଧ୍ୟରେ ୫-ଟି ଅଧୀନରେ ରୂପାନ୍ତରିତ ହେବ । ସେହିଭଳି ମା' ମଝିଘରିୟାଣୀ ମନ୍ଦିର ପାଇଁ ରେଳବାଇ ସହିତ ଜମି ବିନିମୟ ସକାଶେ ଜମି ପ୍ରିମିୟମ ଛାଡ ଏବଂ ମନ୍ଦିରର ସୌନ୍ଦର୍ଯ୍ୟକରଣ ପାଇଁ ୧ ମାସ ମଧ୍ୟରେ ଡିପିଆର ଦାଖଲ ହେବ। ସେହିପରି ୬ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାପଡିଛି।

# ଗୁଣପୁର ବ୍ରାହ୍ମଣ ସମାଜର ସାମୂହିକ ବ୍ରତୋପନୟନ


ପିଲାଙ୍କ ବ୍ରତୋପନୟନ କରାଯାଉଛି ।

**ଗୁଣପୁର,୭।୬(ଡି.ଏନ୍.ଏ.)**

ଚଳିତ ବର୍ଷ ପାରମ୍ପରିକ ଭାବେ ରାୟଗଡ଼ା ଜିଲା ଗୁଣପୁର ବ୍ରାହ୍ମଣ ସମାଜର ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ବୁଧବାର ଆରମ୍ଭ ହୋଇଛି। ବିଭିନ୍ନ ସ୍ଥାନରୁ ଆସିଥିବା ୧୪ ଜଣ ବ୍ରାହ୍ମଣ ପିଲାଙ୍କର ବୈଦିକ ରୀତିରେ ବ୍ରତୋପନୟନ ଆରମ୍ଭ ହୋଇଛି। ପୁରୋହିତ ପ୍ରକାଶ ରଥ, ତ୍ରିପତି ମହାନ୍ତି, ଜଗନ୍ନାଥ ମହାପାତ୍ର ଗଣେଶ ରଥ, କାଶୀ ମିଶ୍ର, ନଳିନୀ ମହାନ୍ତି, ଜୀବନାନନ୍ଦ ଶତପଥୀଙ୍କ ପରିଚାଳନାରେ ଲୋକନାଥ ଷଡ଼ଙ୍ଗୀ,ଅଶୋକ ଦାଶ, ପଦ୍ମନ ଦାଶ, ରଘୁନାଥ ମିଶ୍ର, ଗୁପ୍ତେଶର ମିଶ୍ର, ସହଦେବ ରଥ, ପ୍ରହ୍ଲାଦ ରଥ, ଗୁପ୍ତ ଆଚାର୍ଯ୍ୟ, ଗୁପ୍ତେଶର ମହାପାତ୍ର, ବାବୁଷ ବିଶ୍ୱନାଥ ଶତପଥୀ ଓ ଭୈରବ ଦାଶଙ୍କ ତତ୍ତ୍ୱାବଧାନରେ ଚାରିକର୍ମ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ ଗୁଣପୁର ବ୍ରାହ୍ମଣ ସମାଜ ସଭାପତି ପତିତପାବନ ପାଢ଼ୀ, ନରସିଂହ ଶତପଥୀ, ବିମଳ ମିଶ୍ର, ପ୍ରଶାନ୍ତ ହୋତା, ପଞ୍ଚାନନ ପଣ୍ଡା, ତ୍ରିପତି ରଥ, ଉମା ଦାଶ, ଅନୀଲ ପାଣିଗ୍ରାହୀ, ନିଲୁ ସାହୁ, ଅଜିତ ପଣ୍ଡା, ପ୍ରଦୀପ ପାଢ଼ୀ, କୃଷ୍ଣ ପାତ୍ର, ଅମ୍ବିକା ମହାପାତ୍ର, ନନ୍ଦିନୀ ପଣ୍ଡା ଓ ଚାରୁବାଳା ଶତପଥୀଙ୍କ ଦ୍ୱାରା ପରିଚାଳନା କରାଯାଉଛି।



ବାଲେଶ୍ୱର ଜିଲା ବାହାନଗାଠାରେ ଘଟିଥିବା ମର୍ମନ୍ତୁଦ ଟ୍ରେନ୍ ଦୁର୍ଘଟଣାରେ ମୃତକଙ୍କ ଉଦ୍ଦେଶ୍ୟରେ କୋରାପୁଟରେ ବାହାରିଥିବା କ୍ୟାଣ୍ଡେଲ ଶୋଭାଯାତ୍ରା।

### ଜଗନ୍ନାଥ, ମୀନକେତନଙ୍କୁ ପ୍ରକୃତି ମିତ୍ର, ପ୍ରକୃତି ବନ୍ଧୁ ପୁରସ୍କାର

**ମୁନିଗୁଡ଼ା, ୭।୬(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକର ଜଣାଶୁଣା ରାଜନୈତିକ ବ୍ୟକ୍ତି ତଥା କୋରାପୁଟ ସମବାୟ ବ୍ୟାଙ୍କ ଡାଇରେକ୍ଟର ଜଗନ୍ନାଥ ନୁଣ୍ଡୁକାଙ୍କୁ ପ୍ରକୃତି ମିତ୍ର ଓ ମୁନିଗୁଡ଼ା ଅଞ୍ଚଳର ବରିଷ୍ଠ ରାଜନେତା ମୀନକେତନ ଷଡଙ୍ଗୀଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ମିଳିଥିବା ଜାଣିବାକୁ ମିଳିଛି। ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପ୍ରତିବର୍ଷ ଜଙ୍ଗଲ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା କେତେଜଣ ବ୍ୟକ୍ତିଙ୍କୁ ବ୍ଲକସ୍ତରରେ ପ୍ରକୃତି ବନ୍ଧୁ ଓ ରାଜ୍ୟସ୍ତରରେ ପ୍ରକୃତି ମିତ୍ର ପୁରସ୍କାର ସହିତ ସମ୍ମାନିତ କରିଥାନ୍ତି। ଚଳିତ ବର୍ଷ ଏହି ପୁରସ୍କାର ପାଇବାରେ ଜଗନ୍ନାଥ ଓ ମୀନକେତନ ମୁନିଗୁଡ଼ା ବ୍ଲକର ହୋଇଥିବାରୁ ଉଭୟଙ୍କୁ ଚାରିଆଡୁ ଅଭିନନ୍ଦନ ମିଳୁଛି। ରାୟଗଡ଼ାରେ ବିଭାଗ ପକ୍ଷରୁ ଜିଲା ପ୍ରଶାସନ ଓ ଉପସ୍ଥିତିରେ ଷଡଙ୍ଗୀଙ୍କୁ ପ୍ରକୃତି ବନ୍ଧୁ ସମ୍ମାନ ସହ ୧୦ହଜାର ଟଙ୍କା ପୁରସ୍କାର ରାଶି ଏବଂ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଭୁବନେଶ୍ୱରର ଲୋକସେବା ଭବନରେ ବିଭାଗୀୟ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ଦ୍ୱାରା ନୁଣ୍ଡୁକାଙ୍କୁ ପ୍ରକୃତି ମିତ୍ର ସମ୍ମାନରେ ସମ୍ମାନିତ କରିବା ସହ ୨୫ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।

### ଲୁଟ ମାମଲା, ଅଭିଯୁକ୍ତ ଜେଲ ଗଲେ

**ଦିଗପହଣ୍ଡି,୭।୬(ଡି.ଏନ.ଏ.)**

ଦିଗପହଣ୍ଡି ପୋଲିସ ବୁଧବାର କୁଶପଡ଼ା ଗ୍ରାମର ବି.ନରସିଂହ ଦୋରାଙ୍କୁ କୋର୍ଟ ଚାଲାଣ କରିଛି। ମାମଲା ନଂ.୨୦୬/୨୩ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ ଜେଲକୁ ପଠାଯାଇଛି। ଗତ ଶୁକ୍ରବାର ଅନଙ୍ଗପୁର ଗ୍ରାମର ବିନୋଦ ସାହୁ କୁଶପଡ଼ା ଗ୍ରାମରେ କାମସାରି ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ବିନୋଦଙ୍କୁ ରାସ୍ତାରେ ଅଟକାଇ ମାଡ଼ ମାରିବା ସହ ତାଙ୍କଠାରୁ ୧ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଏ ନେଇ ବିନୋଦ ଥାନାରେ ଏତଲା ଦେଇଥିଲେ।

# ମୋ ଘର ସମ୍ପର୍କିତ ତାଲିମ ଶିବିର


ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ତାଲିମ ଦିଆଯାଉଛି ।

**ଗୁଡ଼ାରି,୭।୬(ଡି.ଏନ୍.ଏ.)**

ଗୁଡ଼ାରି ତହସିଲ ପରିସରରେ ବୁଧବାର ସରକାରଙ୍କ ମୋ ଘର ଯୋଜନା ସମ୍ପର୍କରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଯୋଜନାରେ ସାମିଲହେବା ପାଇଁ ଉପଭୋକ୍ତାଙ୍କୁ ଜାତିଗତ ଓ ଆୟ ପ୍ରମାଣପତ୍ର କିପରି ମୋ ସେବା କେନ୍ଦ୍ରରେ ସୁବିଧାରେ ମିଳିବ ସେ ସମ୍ପର୍କରେ ତହସିଲଦାର ଭାରତୀ ଦେବୀ ଓ ଅତିରିକ୍ତ ତହସିଲଦାର ହୃଷୀକେଶ ପଣ୍ଡା ମୋ ସେବା କେନ୍ଦ୍ର କର୍ମକର୍ତ୍ତାଙ୍କୁ କହିଥିଲେ । ଏହି ପ୍ରମାଣପତ୍ର ପାଇଁ ଅନ୍‌ଲାଇନରେ ଆବେଦନ କରିବା ସମୟରେ ଯେପରି କୌଣସି ପ୍ରକାର ଜାଲ୍ ଡକ୍ୟୁମେଣ୍ଟ ବ୍ୟବହାର ନ ହେବ ସେ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସୁପରଭାଇଜର ପତିତପାବନ ରଥ ଓ ତହସିଲ କର୍ମଚାରୀ ଲକୋଜି ତିରୁମାଲା ଉପସ୍ଥିତ ଥିଲେ। ସେହିପରି ବ୍ଲକରେ ଏହି ଯୋଜନାରେ ସାମିଲହେବା ପାଇଁ କିପରି ଅନ୍‌ଲାଇନରେ ଆବେଦନ କରିବେ ଏବଂ କେଉଁ କେଉଁ ଡକ୍ୟୁମେଣ୍ଟ ଆବଶ୍ୟକ ଏବଂ ସେଗୁଡ଼ିକ କେଉଁଠାରେ ମିଳିବ ସେସବୁ ପ୍ରୋଜେକ୍ଟର ମାଧ୍ୟମରେ ବୁଝାଇଥିଲେ। ରାୟଗଡ଼ାର ପ୍ରୋଜେକ୍ଟ ମ୍ୟାନେଜର ଅଶ୍ୱିନୀ ପତି, ବ୍ଲକ କମ୍ପ୍ୟୁଟର ପ୍ରୋଗ୍ରାମର ଦେବୀପ୍ରସାଦ ପାଢ଼ୀ, ଏପିଓ ବିଶିକେଶନ ଲିମା ପ୍ରମୁଖ ତାଲିମ ଶିବିରରେ ଉପସ୍ଥିତ ଥିଲେ। ଶିବିରରେ ବ୍ଲକ ଓ ଏନ୍‌ଏସିର ୧୦ଜଣ ମୋ ସେବାକେନ୍ଦ୍ର କର୍ମକର୍ତ୍ତା ଭାଗ ନେଇଥିଲେ।

# ବିଦ୍ୟୁତ୍ ଆଘାତରେ ଜଣେ ମୃତ, ୧ ଗୁରୁତର

**ପାପଡାହାଣ୍ଡି,୭।୬ (ଡି.ଏନ.ଏ )**

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକରେ ବୁଧବାର ବିଦ୍ୟୁତ୍ ଆଘାତରେ ଦୁଇଟି ପୃଥକ୍ ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମାନିଗାଁ ପଞ୍ଚାୟତ କେନ୍ଦୁଗୁଡା ଗ୍ରାମର ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବାବେଳେ ମକିଆ ପଞ୍ଚାୟତ ଶିଳକଗୁଡାର ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି।

ସୂଚନା ଅନୁଯାୟୀ, କେନ୍ଦୁଗୁଡା ଗ୍ରାମର ସମୀର ଗୌଡ଼ (୧୯) ସନ୍ଧ୍ୟାରେ ନିଜ ଘରେ ବିଦ୍ୟୁତ ଶକେଟରେ ମୋବାଇଲ ଚାର୍ଜ କରିଥିଲେ । ତେବେ ମୋବାଇଲ କାଢ଼ିବା ସମୟରେ ସମୀରଙ୍କୁ ବିଦ୍ୟୁତ ଝଟକା ଲାଗିବାରୁ ସେ ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ମକିଆ ଶିଳକଗୁଡା ଗ୍ରାମର ଅରୁଣ ନାୟକ (୨୩) ବୁଧବାର ଗାଈ ଚରେଇବାକୁ ଗାଁ ନିକଟସ୍ଥ କାଜୁ ବାଡ଼କୁ ଯାଇଥିଲେ। ଗାଈ ଘଉଡ଼େଇବା ପାଇଁ କାଜୁ ବଗିଚାରେ ଡାଳ ଭାଙ୍ଗିବା ସମୟରେ ବିଦ୍ୟୁତ ଆଘାତ ଲାଗିବାରୁ ସେ ଗୁରୁତର ଅବସ୍ଥାରେ ତଳେ ପଡ଼ିଯାଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଏକ ଅଟୋ ସାହାଯ୍ୟରେ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଅରୁଣଙ୍କ ଦୁଇ ହାତ ସମ୍ପୂର୍ଣ୍ଣ ଜଳି ଯାଇଥିବାବେଳେ ବିଦ୍ୟୁତ ବିଭାଗର ଅସାବଧାନ ଯୋଗୁଁ ଏଭଳି ଦୁର୍ଘଟଣା ଘଟିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

# କୁନ୍ଦୁରାରେ ରବି ଧାନ ମଣ୍ଡି ଆରମ୍ଭ

**କୁନ୍ଦୁରା,୭।୬ (ଡି.ଏନ.ଏ.)**

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଡଙ୍ଗରପାଉଁଶିଠାରେ ବୁଧବାର ରବି ଧାନମଣ୍ଡି ଆରମ୍ଭ ହୋଇଛି। ଏହାକୁ ଓଷ୍ଟା ଉପ ସଭାପତି ବିଜୟ ଭଚ୍ଚ, ବରିଷ୍ଠ ଚାଷୀ ରାଧାନାଥ ଭଚ୍ଚ ଉଦ୍‌ଘାଟନ କରିଥିଲେ। ଡଙ୍ଗରପାଉଁଶିଠାରେ ହୋଇଥିବା ଏହି ଧାନ ମଣ୍ଡିରୁ ମହାମାୟୀ ସ୍ୱୟଂ ସହାୟକ ଗୋଷ୍ଠୀ ଧାନ କ୍ରୟ ବ୍ୟବସ୍ଥା ହୋଇଛି। ଧାନମଣ୍ଡି ଉଦ୍‌ଘାଟନ ସମୟରେ ସାଥୀ ସଙ୍ଗଠନର ସଭାପତି ଚନ୍ଦ୍ର ଶେଖର ରଥ,ସମ୍ପାଦକ ହରିଶ ଚନ୍ଦ୍ର ବେହେରା,କୁନ୍ଦୁରା ସରପଞ୍ଚ ଲବ ପରଜା,କୋଷାଧ୍ୟକ୍ଷ ସରୁପ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ମହାମାୟୀ ସ୍ୱୟଂ ସହାୟକ ଗୋଷ୍ଠୀ ୩ବର୍ଷ ଧରି ଚାଷୀଙ୍କ ନିକଟରୁ ଧାନ ସଂଗ୍ରହ କରି ଆସୁଛି। ଧାନ ସଂଗ୍ରହରେ କୌଣସି ସମସ୍ୟା ଉପୁଜୁ ନ ଥିବା ଅଞ୍ଚଳର ଚାଷୀ କହିଛନ୍ତି।


କୁନ୍ଦୁରାରେ ରବି ଧାନମଣ୍ଡି ପୂଜାର୍ଚ୍ଚନା କରି ଉଦ୍‌ଘାଟନ କରାଯାଉଛି।

# ରାସ୍ତା କାମ ଦେଖିଲେ ଏମ୍‌ଏମ୍‌ଏସ୍‌ୱାଇ ଉପଦେଷ୍ଟା

**ବିଷମ କଟକ, ୭।୬(ଡି.ଏନ.ଏ.)**

ରାୟଗଡା ଜିଲା ବିଷମ କଟକ ଓ କଲୋନରା ବ୍ଲକକୁ ବୁଧବାର ମୁଖ୍ୟମନ୍ତ୍ରୀ ସ୍ୱାବଲମ୍ବନ ଯୋଜନା (ଏମ୍‌ଏମ୍‌ଏସ୍‌ୱାଇ)ଉପଦେଷ୍ଟା ସବିତା ମହାପାତ୍ର ଗସ୍ତକରି କୁମାର ଧାମୁଣିଠାରୁ କଲୋନରା ବ୍ଲକ ଥେରୁବାଲିକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତିକରଣ କାର୍ଯ୍ୟ ଦେଖିଥିଲେ। କୋଲନାର ବ୍ଲକର ୪ଟି ପଞ୍ଚାୟତର କୁମାରଧାମଣି ଠାରୁ ବେଟିଆପୋଡା ଥେରୁବାଲି ପର୍ଯ୍ୟନ୍ତ ରାସ୍ତାର ପିଚୁ ସହ କଂକ୍ରିଟ କାର୍ଯ୍ୟ ତଦାରଖ କରିଥିଲେ। ୯କଟି ୨୨.୮୭.୨୪୮ ଲକ୍ଷ ବ୍ୟୟରେ ହେଉଥିବା କାର୍ଯ୍ୟ ର ତଦାରଖ କରିଥିଲେ । ଏହି କାର୍ଯ୍ୟ ଗତ ବର୍ଷ ଜୁନ୍‌ରେ ଆରମ୍ଭ ହୋଇ ଚଳିତ ବର୍ଷ ଜୁନରେ ଶେଷ ହେବାକୁ ଧାର୍ଯ୍ୟ କୋରାଯାଥିଲା। କିନ୍ତୁ ଅଦ୍ୟାବଧି ତାହା ଶେଷ ହୋଇନାହିଁ। ଆରଡ଼ି ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ମହାନ୍ତି, କୋଳନରା ବ୍ଲକ କନିଷ୍ଠଯନ୍ତ୍ରୀ ଦିଲ୍ଲୀପ ରାଉତରାୟ ପ୍ରମୁଖ ଉପସ୍ଥିତ ରହି ରାସ୍ତା ଓ ଲୋକଙ୍କ ଲୋକଙ୍କ ସମସ୍ୟା ବିଷୟରେ ବୁଝିଥିଲେ । ସୂଚନାଯୋଗ୍ୟ, ୪ଟି ଗ୍ରାମ ଦେଇ ଯାଇଥିବା ରାସ୍ତା ନ ଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ର ଓ ପିଲାଙ୍କ ପାଠପଢା ପାଇଁ ସ୍କୁଲ ଯିବା ଅସୁବିଧା ହୋଉଥିଲା। ବର୍ତ୍ତମାନ ଲୋକେ ରାସ୍ତା ହେବାରୁ ପୂର୍ବ ଅପେକ୍ଷା ବହୁତ ସୁବିଧା ହୋଇପାରୁଛି ବୋଲି ଲୋକେ କହିଥିଲେ।


ଏମ୍‌ଏମ୍‌ଏସ୍‌ୱାଇ ଉପଦେଷ୍ଟା ସବିତା ମହାପାତ୍ର ଧାମୁଣି-କଲୋନରା-ଥେରୁବାଲ ରାସ୍ତାର ଉନ୍ନତିକରଣ କାର୍ଯ୍ୟ ବୁଲି ଦେଖୁଛନ୍ତି।

